ଧରିତ୍ରୀ 51 Years
(ପୃଷ୍ଠା–୧୨+୮)
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ (୧୨+୮=୨୦ ପୃଷ୍ଠା) | Bhubaneswar, Friday, August 15/2025 | Page 20 | ₹ 7.00 | BERHAMPUR
୫୧ଶ ଭାଗ ୨୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 261 | ମୂଲ୍ୟ ₹୭/-



ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମ ଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

## ଶୁଭେଚ୍ଛା

ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଶୁକ୍ରବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଆଜିର ସମ୍ପାଦକୀୟ

ଟ୍ରମ୍ପଙ୍କ ଟାରିଫ୍ ଯନ୍ତା

# ବାଦଲଫଟା ବର୍ଷାରେ ୪୬ ମୃତ

## ୧୬୭ ଉଦ୍ଧାର, ଅନେକ ନିଖୋଜ

**ଉତ୍ତରାଖଣ୍ଡର ଉତ୍ତରକାଶୀ ପରେ ଜମ୍ମୁ-କଶ୍ମୀର କିସ୍ତୱାର ଜିଲାକୁ ଦାଉ ସାଧିଛି ବାଦଲଫଟା ବର୍ଷା। କିସ୍ତୱାର ଜିଲା ଚଶୋତି ଗ୍ରାମକୁ ଗୁରୁବାର ଅପରାହ୍ନରେ ଆକାଶରୁ ମାଡ଼ି ଆସିଥିଲା ବିପତ୍ତି। ଚାହୁଁ ଚାହୁଁ ଧୋଇହୋଇଗଲା ଗାଁ। ଘରଦ୍ୱାର ସହ ଭାସିଗଲେ ଅନେକ ଶହ ଲୋକ। ସେମାନଙ୍କ ମଧ୍ୟରୁ ୧୬୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅଦ୍ୟାବଧି ୨ ସିଆଇଏସ୍ଏଫ୍ ଯବାନଙ୍କ ସମେତ ୪୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ଅନ୍ୟ କେତେଜଣ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।**

**ଜମ୍ମୁ,୧୪।୮**

ମଚାଇଲ ମାତା ମନ୍ଦିରକୁ ଯିବାକୁ ହେଲେ କିସ୍ତୱାର ସହରରୁ ୯୦ କି.ମି. ଦୂର ଚଶୋତି ଗ୍ରାମ ପର୍ଯ୍ୟନ୍ତ ଗାଡ଼ିରେ ଯିବାକୁ ପଡ଼ିଥାଏ। ୯,୫୦୦ ଫୁଟ୍ ଉଚ୍ଚତାରେ ଥିବା ମଚାଇଲ ମାତା ପୀଠକୁ ୮.୫ କି.ମି. ବ୍ୟାପୀ ଟ୍ରେକିଂ ଏଇଠୁ ଆରମ୍ଭ ହୁଏ। ଜୁଲାଇ ୨୫ରୁ ଚାଲିଥିବା ମଚାଇଲ ମାତା ଯାତ୍ରା ସେପ୍ଟେମ୍ବର ୫ରେ ଶେଷ ହେବ। ଏହି ବାର୍ଷିକ ଯାତ୍ରାରେ ସାମିଲ ହେବା ପାଇଁ ଗୁରୁବାର ସେଠାରେ ବହୁ ଭକ୍ତ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ହଠାତ୍ ବାଦଲଫଟା ବର୍ଷା ହୋଇଥିଲା। ଏଥିରେ ଘରଦ୍ୱାର, ଦୋକାନ, ପୋଲିସ ଫାଣ୍ଡି ଓ ଭକ୍ତଙ୍କ ଆଶ୍ରୟସ୍ଥଳୀ ଭାସିଯାଇଥିଲା। ପାହାଡ଼ ଉପରୁ କାଦୁଅ ପାଣି ମାଡ଼ିଆସି ଧ୍ୱଂସଲୀଳା ଭିଆଉଥିବାବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଓ ସେନା ଯବାନଙ୍କ ସହ ପୋଲିସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯବାନମାନେ ଅଦ୍ୟାବଧି ୪୬ ମୃତଦେହ ଠାବ

☞ ପୃଷ୍ଠା–୨



ଜମ୍ମୁ-କଶ୍ମୀର କିସ୍ତୱାର ଜିଲା ଚଶୋତି ଗ୍ରାମରେ ବାଦଲ ଫଟା ବର୍ଷାଜନିତ ବନ୍ୟା ମାଡ଼ି ଆସିଥିବାବେଳେ ଜୀବନ ବଞ୍ଚାଇବା ପାଇଁ ଲୋକେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

## ବୁଲା କୁକୁର ମାମଲା ରାୟ ସଂରକ୍ଷିତ

# ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାରୁ ସବୁ ସମସ୍ୟା: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୪।୮ (ପି.ଟି.)**

ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ନିଷ୍କ୍ରିୟତା କାରଣରୁ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବୁଲା କୁକୁରଙ୍କୁ ନେଇ ସବୁ ସମସ୍ୟା ସୃଷ୍ଟି ହେଉଥିବା ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଗତ ୧୧ ତାରିଖର ରାୟ ସ୍ଥଗିତ ରଖିବା ପାଇଁ ହୋଇଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳର ସମସ୍ତ ବୁଲା କୁକୁରଙ୍କୁ ଯଥାଶୀଘ୍ର ସମ୍ଭବ ଧରିନେଇ ସେମାନଙ୍କୁ ଆଶ୍ରୟସ୍ଥଳରେ ରଖିବା ପାଇଁ ଗତ ୧୧ ତାରିଖରେ ୨ ଜଣିଆ ଖଣ୍ଡପୀଠ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ଏଭଳି ରାୟକୁ ନେଇ ପ୍ରାଣୀପ୍ରେମୀ ସଂଗଠନ ସମେତ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏହାର ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା। ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁବାର ଏହାର ଶୁଣାଣି କରି ସବୁ ସମସ୍ୟା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ଯେଉଁମାନେ ସୁପ୍ରିମକୋର୍ଟ ଆସି ରାୟର

☞ ପୃଷ୍ଠା–୨









# ‘ଦେଶ ସ୍ୱାଧୀନ ହେବା ଖବର ଶୁଣି ଦୀର୍ଘଦିନର ଯନ୍ତ୍ରଣା ଭୁଲି ଯାଇଥିଲୁ’

ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ। ୯୮ ବର୍ଷ ବୟସରେ ବି ସେ ଚଳଚଞ୍ଚଳ। ଏବେବି ତାଙ୍କ କଥାବାର୍ତ୍ତାରେ ସଂଗ୍ରାମୀର ଗାଥା ଫୁଟି ଉଠେ। ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଗଡିହ ପଞ୍ଚାୟତର କମାରବନ୍ଧ ଗ୍ରାମରେ ତାଙ୍କ ଘର। ୧୯୨୭ ଫେବୃଆରୀ ୨୮ରେ ତାଙ୍କର ଜନ୍ମ। ପରିବାର କହିଲେ ଶଯ୍ୟାଶାୟୀ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ରାଉତ(୮୬), ୨ ପୁଅ, ୪ ଝିଅ ଓ ୩ ନାତି ନାତୁଣୀ। ଗାଁରେ ପରିବାର ସହ ସେ ଜୀବନଯାପନ କରୁଛନ୍ତି। ସେ କହନ୍ତି, ୧୯୪୨ ଅଗଷ୍ଟ ୭, ୮ ଓ ୯ରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ମହାରାଷ୍ଟ୍ରର ବମ୍ବେଠାରେ ସଭା ଆୟୋଜନ ହୋଇଥିଲା। ଅବଶ୍ୟ ୯ରେ ଗାନ୍ଧୀଙ୍କ ‘କର ବା ମର’ ଡାକରାକୁ ନେଇ ଇଂରେଜଙ୍କୁ ଦେଶରୁ ହଟେଇବା ଲାଗି ଆରମ୍ଭ ହୋଇଥିଲା ଆନ୍ଦୋଳନ।



ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ

ତେବେ ଏହି ସମୟରେ ଓଡ଼ିଶାର ମହାନ୍ ସଂଗ୍ରାମୀ ବୈଷ୍ଣବ ନାୟକଙ୍କ ନେତୃତ୍ୱରେ ସାମିଲ ହୋଇ ବ୍ରଜକିଶୋର ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ ସହ ବିଭିନ୍ନ ଅଞ୍ଚଳରେ ଇଂରେଜମାନଙ୍କ ବିରୋଧରେ ପ୍ରଚାର କରିବା, ବିଦେଶୀ ଜିନିଷ ପରିତ୍ୟାଗ କରିବା, କୁଟି ଖାଅ କାଟି ପିନ୍ଧ, ନିଜକୁ ନିଜେ କିପରି ସ୍ୱାବଲମ୍ବୀ ହେବା ଆଦି ବିଭିନ୍ନ ଦିଗକୁ ନେଇ ଲୋକଙ୍କ ମଧ୍ୟରେ ପ୍ରସାର କରିଥିଲେ। ଏହାର ପରବର୍ତ୍ତୀ ସମୟରେ ଭାରତବର୍ଷରେ ପ୍ରାୟ ୬୨ହଜାର ସଂଗ୍ରାମୀ ଜେଲ ଯାଇଥିଲେ। ଏତେ ସଂଖ୍ୟକ ସଂଗ୍ରାମୀଙ୍କୁ ଜେଲ ହୋଇଥିବାରୁ ଲୋକେ ଆହୁରି ଉତ୍ତ୍ୟକ୍ତ ହୋଇ ଇଂରେଜ ସରକାର ବିରୋଧରେ ଜୋରଦାର ଲଢ଼େଇ କଲେ। ବ୍ରିଟିଶ ସରକାର ବାଧ୍ୟହୋଇ ୬୨ହଜାର ଲୋକଙ୍କ ମଧ୍ୟରୁ କେବଳ ୧୪ହଜାର ଲୋକଙ୍କୁ ଜେଲରେ ଭର୍ତ୍ତି କରିଥିଲେ। ଏହି ଆନ୍ଦୋଳନରେ ୯୪୦ ଲୋକଙ୍କୁ ଫାଶୀ ଦିଆଯାଇଥିଲା। ତନ୍ମଧ୍ୟରୁ ଓଡ଼ିଶାର ଲକ୍ଷ୍ମଣ ନାୟକଙ୍କୁ ୧୯୪୩ ଏପ୍ରିଲ ୨୩ରେ ବ୍ରିଟିଶ ସରକାର ଫାଶୀ ଦେଇଥିଲେ। ଏହାକୁ ନେଇ ଭାରତ ବର୍ଷରେ ଏକ ବୈପ୍ଲବିକ ବାତାବରଣ ସୃଷ୍ଟି ହୋଇଥିଲା। ଭାରତବର୍ଷରେ ଥିବା ୫୫୦ ଡାକଘର, ୨୪୦ ରେଲୱେ ଷ୍ଟେଶନ ଓ ୭୫ ପୋଲିସ ଷ୍ଟେଶନ ସହ ବହୁ ସରକାରୀ ଅଫିସ ପୋଡ଼ି ଦିଆଯାଇଥିଲା। ଏହି ଆନ୍ଦୋଳନ ବହୁ ବର୍ଷ ଧରି ଲାଗିରହିବା ହେତୁ ବ୍ରିଟିଶ ସରକାର ବାଧ୍ୟହୋଇ ଭାରତ ଛାଡ଼ିଥିଲେ। ଶେଷରେ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହୋଇଥିଲା।

ଏ ସମ୍ପର୍କରେ ବ୍ରଜକିଶୋର କହିଛନ୍ତି, ଦେଶ ସ୍ୱାଧୀନ ହେବାର ଖବର ଜାଣିବା ପରେ ଜୀବନର ସବୁଠାରୁ ବଡ଼ ଖୁସି ମିଳିବା ଭଳି ଅନୁଭବ ହୋଇଥିଲା। ଦୀର୍ଘଦିନର କଷ୍ଟ, ଯନ୍ତ୍ରଣା ଭୁଲି ଯାଇଥିଲୁ। ସେହି ଖୁସିରେ ଘରେ ଘରେ ଶୁଭ କଳସ ବସାଯିବା ସହ ଦୀପ ଜଳାଯାଇଥିଲା। ଏହା ଏକ ଆନନ୍ଦର ମୁହୂର୍ତ୍ତ ଥିଲା। ଦୀର୍ଘଦିନର ଅନ୍ଧକାର ପରେ ଆଲୋକ ମିଳିବା ପରି ଅନୁଭବ ହୋଇଥିଲା। କିନ୍ତୁ ପର ମୁହୂର୍ତ୍ତରେ ଜାଣିବାକୁ ମିଳିଲା ଯେ ଏହି ଖୁସିର ମୁହୂର୍ତ୍ତରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିବା ମହାତ୍ମା ଗାନ୍ଧୀ ସାମିଲ ହୋଇ ନ ଥିଲେ। ପଶ୍ଚିମବଙ୍ଗର ନୂଆଖାଡ଼ିରେ ଏକ ଛୋଟିଆ ଘରେ ରହିଥିଲେ। ସ୍ୱାଧୀନତାର ଶୁଭ ଅବସରରେ ସେ ନିଜକୁ ସାମିଲ କରି ନ ଥିବା ଜାଣିବା ପରେ ମନରେ ଦୁଃଖ ଆସିଥିଲା। ସେ ଚାହୁଁ ନ ଥିଲେ କ୍ଷମତାର ବିନିମୟ, ସେ କହିଥିଲେ ‘ଯେଉଁମାନେ କ୍ଷମତା ପାଇଁ ପାଗଳ, ଶାସନ ଲୋଭୀ ସେହିମାନେ ସେ ଉତ୍ସବକୁ ପାଳନ୍ତୁ, ମୋର ଯିବା ଦରକାର ନାହିଁ’। ସବୁ ଖୁସି ଭିତରେ ସେହି କଥା ସେମାନଙ୍କୁ ଦୁଃଖ ଦେଇଥିଲା ବୋଲି ବ୍ରଜକିଶୋର କହିଛନ୍ତି।

ଏଥିସହ ସଂଗ୍ରାମୀମାନେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ମୃତ୍ୟୁବରଣ କରିଥିବା ଓ ଜେଲ ଯାଇଥିବା ସଂଗ୍ରାମୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ସଭାସମିତି କରୁଥିଲେ। ରାଜ୍ୟର ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଇବା, ସେମାନେ କିପରି ନିଜର ଜୀବିକା ନିର୍ବାହ କରିବେ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଜନ ସଚେତନତା ସୃଷ୍ଟି କରୁଥିଲେ। ବ୍ରଜକିଶୋର କୁହନ୍ତି, ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, ଆଜି ତାହା ଦେଖିବାକୁ ମିଳୁନାହିଁ। ଏହା ତାଙ୍କୁ ଅନେକ କଷ୍ଟ ଦେଉଛି। ଆହୁରି ମଧ୍ୟ ଗାନ୍ଧିଜୀଙ୍କ ବାର୍ତ୍ତା ଥିଲା କଠିନ ପରିଶ୍ରମ କରିବା, ଜଣେ ମହିଳା ବାହାରକୁ ଗଲେ ନିର୍ଦ୍ୱନ୍ଦ୍ୱରେ ଘରକୁ ଫେରିବା, ମଦ ନିଷେଧ ହେଲେ ଦେଶ ପ୍ରକୃତ ସ୍ୱାଧୀନ ହେଲା ବୋଲି ଆମେ ଭାବିବା। କିନ୍ତୁ ଗୋଟେ ଦୁଃଖ ଯେ ଗାନ୍ଧିଜୀଙ୍କ ଚିନ୍ତାଧାରା, ନୀତି ଆଦର୍ଶ ଓ ନେତୃତ୍ୱ ଏବେ ଆଉ ଦେଖିବାକୁ ମିଳୁନାହିଁ। ଯାହାକି ବଡ଼ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି।

–ରିପୋର୍ଟ: **ସନାତନ ରାଉତ, ଭଦ୍ରକ**



ସ୍ୱାଧୀନତା ଦିବସ ପୂର୍ବରୁ ଭୁବନେଶ୍ୱରଠାରେ ୨ ସ୍କୁଲ୍ ଛାତ୍ରୀ ତ୍ରିରଙ୍ଗାରେ ସଜେଇ ହୋଇଛନ୍ତି। (ଫଟୋ: ବିକାଶ ନାୟକ)

# ତ୍ରିରଙ୍ଗା

ଭାରତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଭାରତ ଇତିହାସରେ ଏହା ଏକ ଗୌରବମୟ ଦିବସ। ଏହି ଦିବସକୁ ସାରା ଦେଶ ବିଜୟ ସଂକଳ୍ପ ଦିବସ ରୂପେ ପାଳନ କରୁଛି। ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉଡାଇ ଭାରତର ସ୍ୱାଧୀନତା ଉତ୍ସବ ପାଳିବାକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଆମର ଜାତୀୟ ପତାକା ଆମ ଏକତା, ସଂହତି ଓ ଭ୍ରାତୃଭାବର ପ୍ରତୀକ ଅଟେ। ଭାରତର ତ୍ରିରଙ୍ଗା କେବଳ ତିନିଟି ରଙ୍ଗର ସମାହାର ନୁହେଁ ବରଂ ଆମ ଅତୀତର ଗୌରବ, ବର୍ତ୍ତମାନର ପ୍ରତିବଦ୍ଧତା ଓ ଭବିଷ୍ୟତର ସ୍ୱପ୍ନର ପ୍ରତିବିମ୍ବ। ଆମ ତ୍ରିରଙ୍ଗା ଭାରତର ଏକତା, ଭାରତର ଅଖଣ୍ଡତା ଓ ଭାରତର ବିବିଧତାର ମଧ୍ୟ ପ୍ରତୀକ। ଆମ ସଂଗ୍ରାମୀମାନେ ତ୍ରିରଙ୍ଗାରେ ଦେଶର ଭବିଷ୍ୟତ ଦେଖିଥିଲେ, ଦେଶର ସ୍ୱପ୍ନ ଦେଖିଥିଲେ ଓ ଏହାକୁ କେବେ ନଇଁବାକୁ ଦେଇ ନ ଥିଲେ।

ସ୍ୱାଧୀନତାର ୭୮ ବର୍ଷ ପରେ ଆମେ ଯେତେବେଳେ ନୂଆ ଭାରତର ଯାତ୍ରା ଆରମ୍ଭ କରୁଛେ ସେତେବେଳେ ତ୍ରିରଙ୍ଗା ପୁଣି ଥରେ ଭାରତର ଏକତା ଓ ଚେତନାକୁ ପ୍ରତିନିଧିତ୍ୱ କରୁଛି। ଗୌରବର ପ୍ରତୀକ ତ୍ରିରଙ୍ଗା ଆଜି ମଣିଷକୁ ସଚେତନ କରୁଛି ଯେ ଏ ହେଉଛି ସେଇ ଭାରତବର୍ଷ, ଯାହାର ତ୍ୟାଗ, ଆତ୍ମବଳିଦାନ, ସଂଗ୍ରାମ ଓ ବୀରତ୍ୱ ହେଉଛି ତା’ର ଇତିହାସ। ଏ ଦେଶର ମହାନ୍ ବୀରପୁରୁଷ ଯେଉଁମାନଙ୍କର ତ୍ୟାଗ, ବଳିଦାନ ଦେଶକୁ ଆଣି ଦେଇଥିଲା ସ୍ୱାଧୀନତା। ଦେଶ ସ୍ୱାଧୀନ ହେଲା, ଫିରିଙ୍ଗି ଶାସନ ହଟିଲା। ମୁକ୍ତି ଯୁଦ୍ଧରେ ଅନେକ ଶହୀଦ ହେଲେ। ସଂଗ୍ରାମୀଙ୍କ ଲହୁ ଲୁହରେ ଲେଖାହେଲା ସ୍ୱାଧୀନତାର ଇତିହାସ। ମାଟି ପାଇଁ ନିଜର ସାମର୍ଥ୍ୟ, ଜୀବନ, ବଳିଦାନ ଦେଇ ଆଜି ସେହି ମହାନ୍ ସଂଗ୍ରାମୀମାନେ ଚିରସ୍ମରଣୀୟ। ଏ ଦେଶର ମହାନ୍ ବୀରପୁରୁଷ ଓ ମହୀୟସୀ ମହିଳାମାନଙ୍କୁ ଏହି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଏ ମାଟି, ଏ ଜାତିର ତ୍ୟାଗ, ବୀରତ୍ୱ ଓ ସ୍ୱଦେଶ ପ୍ରୀତି ବିଶ୍ୱ ଇତିହାସକୁ ସମୃଦ୍ଧ କରିଛି। ସ୍ୱାଧୀନତା ସେନାନୀଙ୍କ ପ୍ରେରଣା ଓ ଦେଶ ବିକାଶରେ ଅବଦାନ ରଖି ଯାଇଥିବା ମହାପୁରୁଷ ଓ ରାଷ୍ଟ୍ରନାୟକଙ୍କ ପ୍ରେରଣାକୁ ମନେପକାଇ ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ ନେବା ଏହି ମହୋତ୍ସବର ଲକ୍ଷ୍ୟ।

– **ଚିତ୍ତରଞ୍ଜନ ପୃଷ୍ଟି,**
ମୋ: ୯୭୭୮୧୭୭୫୦୧



ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୫/୨୦୨୫ | Bhubaneswar, Friday, August 15/2025 | ପୃଷ୍ଠା-୧


# ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ପ୍ରକାଶ କର

ବିହାର ବିଧାନସଭା ଭୋଟ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ କରାଯାଇଥିବା ଭୋଟର ତାଲିକାର ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଗୁରୁବାର ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ନାମ, ବିବରଣୀ ଓ ଡିଲିଟ୍ କରାଯିବାର ଯୁକ୍ତିଯୁକ୍ତ କାରଣ ଦର୍ଶାଇବାକୁ ଶୀର୍ଷ ଅଦାଲତ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତାଲିକା ଏବଂ ଏତେ ସଂଖ୍ୟକ ମତଦାତାଙ୍କୁ ହଟାଯିବା ପଛର କାରଣ ସମ୍ପର୍କରେ ଇସିଆଇଙ୍କ ୱେବ୍ସାଇଟ୍‌ରେ ପ୍ରକାଶ କରାଯିବ। ଏହି ତାଲିକାକୁ ଏପରି ବ୍ୟାପକ ଭାବେ ପ୍ରକାଶ କରାଯିବା ଆବଶ୍ୟକ, ଯେମିତିକି ସମସ୍ତେ ଏହାକୁ ଦେଖିପାରିବେ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

**ବିହାର ଏସ୍ଆଇଆର୍: ଇସିଆଇଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**



**ନୂଆଦିଲ୍ଲୀ, ୧୪।୮**

ଜୁନ୍ ୨୪ରେ ଇସିଆଇ ବିହାର ଭୋଟର ତାଲିକାର ଏସ୍ଆଇଆର୍ କରାଇବାକୁ ନିଷ୍ପତ୍ତି ନେଇଥିଲେ। ଏସ୍ଆଇଆର୍ ନାଗରିକମାନଙ୍କ ମତଦାନ ଅଧିକାର ଛଡ଼ାଇନେବା ପାଇଁ ଉଦ୍ଦିଷ୍ଟ କହି ଏହା ବିରୋଧରେ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଆବେଦନ କରାଯାଇଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରି କହିଛନ୍ତି, ମୃତକ, ଅନ୍ୟ ନିର୍ବାଚନମଣ୍ଡଳୀକୁ ପଳାୟନ କରିଥିବା କିମ୍ବା ସ୍ଥାନାନ୍ତରିତ ବ୍ୟକ୍ତିମାନଙ୍କ ନାମ ସମ୍ବଳିତ ତାଲିକା ସହ ସେମାନଙ୍କୁ କେଉଁ କାରଣରୁ ବାଦ୍ ଦିଆଯାଇଛି ସେ ସମ୍ପର୍କରେ କାରଣ ଉଲ୍ଲେଖ କରି ପଞ୍ଚାୟତସ୍ତରୀୟ କାର୍ଯ୍ୟାଳୟ ଏବଂ ଜିଲାସ୍ତରୀୟ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ କରିବାକୁ ଇସିଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସ୍ଥାନୀୟ ଭାଷାର ଖବରକାଗଜ ଓ ଇଂଲିଶ୍ ଦୈନିକ ସହ ଟିଭି ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ବିଜ୍ଞାପନ ଜରିଆରେ ବିସ୍ତୃତ ଭାବେ ପ୍ରକାଶ କରିବେ। ଏହି ତାଲିକା କେଉଁଠି ଉପଲବ୍ଧ ହେବ ତାହା ମଧ୍ୟ ଲୋକଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ରହିଛି।

ଖଣ୍ଡପୀଠ ଆହୁରି କହିଛନ୍ତି, ତାଲିକାରୁ ଯେଉଁମାନଙ୍କ ନାମ କଟିଯାଇଛି, ସେମାନେ ନିଜ ଆଧାର କାର୍ଡ ସହ ନିର୍ବାଚନ ଅଧିକାରୀଙ୍କୁ ଭେଟି ସଂଶୋଧନ କରାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଅଗଷ୍ଟ ୨୨ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଇସିଆଇ ସୁପ୍ରିମକୋର୍ଟ ନିର୍ଦ୍ଦେଶର ଅନୁପାଳନ ସମ୍ପର୍କିତ ଏକ ରିପୋର୍ଟ ଦାଖଲ କରିବେ।

ପ୍ରକାଶ ଯେ, ପୂର୍ବରୁ ପଞ୍ଜୀକୃତ ମତଦାତାଙ୍କୁ ଡ୍ରାଫ୍ଟ ଭୋଟର ତାଲିକାରେ ସାମିଲ କରା ନ ଯିବାର କାରଣ ଅଗଷ୍ଟ ୧ରେ ନିର୍ବାଚନ କମିଶନ ଦର୍ଶାଇଥିଲେ। ୨୨.୩୪ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୩୬.୨୮ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଛନ୍ତି ଏବଂ ୭.୦୧ ଲକ୍ଷ ମତଦାତାଙ୍କ ନାମ ଏକାଧିକ ସ୍ଥାନରେ ରହିଥିବା ଏଥିରେ ଇସି ଉଲ୍ଲେଖ କରିଥିଲେ। କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ, କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ନେବା ସମ୍ପର୍କିତ ଇସିଙ୍କ ପର୍ଯ୍ୟାପ୍ତ କ୍ଷମତା ରହିଛି। ଏହାସତ୍ତ୍ୱେ ଇସିଆଇଙ୍କୁ ରାଜନୈତିକ ଆକ୍ରୋଶ ରଖି ଟାର୍ଗେଟ କରାଯାଉଛି। ଇସିଆଇ ବର୍ତ୍ତମାନ ରାଜନୈତିକ ଦଳଗୁଡ଼ିକର ବିବାଦ ଭିତରେ ଛନ୍ଦିହୋଇଯାଇଛନ୍ତି। ସେମାନେ ନିର୍ବାଚନରେ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଇଭିଏମ୍ ଖରାପ ବୋଲି ଦ୍ୱିବେଦୀ କହିଥିଲେ। ୨୦୦୩ ଭୋଟର ତାଲିକାରେ ରହିଥିବା ବିହାରର ୬.୫ କୋଟି ଲୋକଙ୍କୁ ଏସ୍ଆଇଆର୍ ପାଇଁ କୌଣସି ଦସ୍ତାବିଜ ଦାଖଲର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ତେବେ ୨୦୦୩ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜଗୁଡ଼ିକୁ ଗ୍ରହଣ କରାଯାଇଥିଲା ସେନେଇ ଗୁରୁବାର ଖଣ୍ଡପୀଠ ଜାଣିବାକୁ ଚାହିଁଥିଲେ। ବୁଧବାର ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ଭୋଟର ତାଲିକା ସ୍ଥିର ନୁହେଁ। ସମୟାନୁସାରେ ଏଥିରେ ପରିବର୍ତ୍ତନ ଅଣାଯିବା ଆବଶ୍ୟକ।



'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଅପରାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# କେନ୍ଦ୍ର ସହଯୋଗରେ ହେବ ମେଟ୍ରୋ ରେଳ ପ୍ରକଳ୍ପ: ମନ୍ତ୍ରୀ

**ଭୁବନେଶ୍ୱର, ୧୪।୮ (ସୁନିତ୍ ମିଶ୍ର)**

ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କରାଯିବ। ନୂଆ ଢାଞ୍ଚାରେ ମେଟ୍ରୋ ପାଇଁ ଟେକ୍ନିକାଲ କମିଟି ଗଠନ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହି କମିଟି ବିଭିନ୍ନ ସହରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ। ନୂଆ ଟ୍ରାକ୍ ନେଇ କମିଟି ରିପୋର୍ଟ ଦେବେ। ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟିର ଦ୍ୱିତୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ

- **ଅନ୍ୟ ରାଜ୍ୟରେ ମେଟ୍ରୋ କ୍ଷତିରେ ଚାଲିଛି: ଉପମୁଖ୍ୟମନ୍ତ୍ରୀ ସିଂଦେଓ**
- **ମେଟ୍ରୋ ନେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର: ବିଜେଡି**

କହିଛନ୍ତି। ବୈଠକରେ କମ୍ପ୍ରେହେନ୍ସିଭ ମୋବିଲିଟି ପ୍ଲାନ୍ ତିଆରି ହୋଇଛି। କେଉଁ ଅଞ୍ଚଳରେ ଲାଇନ ଯିବ, କେଉଁ ଜାଗାରେ ପାର୍କିଂ ଅଞ୍ଚଳ ହେବ ତା'ର ରିପୋର୍ଟ ଟେକ୍ନିକାଲ କମିଟି ଦେବେ। ସାଧାରଣ ଲୋକଙ୍କ ମତାମତ ମଧ୍ୟ ନିଆଯିବ। ପୁରୁଣା ପ୍ରକଳ୍ପ ବନ୍ଦ ହୋଇଛି। ସେସବୁ ରାସ୍ତାରେ ଟ୍ରାଫିକ୍‌ଜାମ୍ ରହୁଛି। ଟେଷ୍ଟିଂ ବେଳେ ଲୋକଙ୍କୁ ହଇରାଣ ହେବାକୁ ପଡିଥିବା ମନ୍ତ୍ରୀ କହିଛନ୍ତି। ମେଟ୍ରୋ କାମ ଚାଲିଥିଲେ ସେସବୁ ରାସ୍ତା ବନ୍ଦ ହୋଇ ଯାଇଥାଆନ୍ତା। ସେଥିପାଇଁ ନୂଆ ଟ୍ରାକ୍ କେଉଁଠି ହେବ ସେନେଇ କମିଟି ରିପୋର୍ଟ ଦେବ ବୋଲି ମନ୍ତ୍ରୀ କହିଛନ୍ତି।

ମେଟ୍ରୋ ପ୍ରକଳ୍ପ ନେଇ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି, ଅନ୍ୟ ରାଜ୍ୟଗୁଡିକରେ ମେଟ୍ରୋ କ୍ଷତିରେ ଚାଲିଛି। ସେଠାକାର ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି। ସେଥିପାଇଁ ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଏକ କମିଟି ବିଭିନ୍ନ ରାଜ୍ୟକୁ ଯାଇ ☞ପୃଷ୍ଠା-୨

# ସାପକାମୁଡ଼ାରେ ମା'ପୁଅଙ୍କ ମୃତ୍ୟୁ

**ଆନନ୍ଦପୁର, ୧୪।୮ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଘଷିପୁରା ଥାନା ରାଧିକାଦେଈପୁର ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷଧର ସାପ କାମୁଡ଼ାରେ ଗ୍ରାମର ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସୁନୀଲ ମୁଣ୍ଡାଙ୍କ ସ୍ତ୍ରୀ ଜେମାମଣୀ ଓ ତାଙ୍କ ୧୦ ବର୍ଷର ପୁଅ ଗଣେଶ। ସୂଚନା ଅନୁଯାୟୀ, ବୁଧବାର ରାତିରେ ଖାଇସାରି ସପରିବାରେ ଘରେ ତଳେ ଶପ ବିଛେଇ ଶୋଇଥିଲା ବେଳେ ଏକ ବିଷଧର ସାପ ଜେମାମଣୀ ଓ ଗଣେଶଙ୍କୁ କାମୁଡ଼ି ଦେଇଥିଲା। ରାତି ୧ଟା ସମୟରେ ସୁନୀଲ ଉଭୟଙ୍କୁ ବାଇକ୍‌ରେ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଭୁବନେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାର୍ ଆସୋସିଏଶନ୍, କୋର୍ଟ କ୍ୟାମ୍ପସ୍, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍ ୩, ସମୟ: ସକାଳ ୭ଟା ୩୦।
- ରସୁଲ୍‌ଗଡ଼ ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିସ ମେଡ଼ିୟମ୍ ସ୍କୁଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତୀୟ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସ୍କୁଲ୍ ପରିସର, ୟୁନିଟ୍ ୮, ସମୟ: ସକାଳ ୮ଟା।
- ବିଏମ୍‌ପିଏସ୍ ତକ୍ସିଲା ସ୍କୁଲ୍‌ର ବାର୍ଷିକ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ସ୍କୁଲ୍ ପରିସର, ସମୟ: ୯ଟା ୩୦।

### କଟକ

- କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାରବାଟୀ ଷ୍ଟାଡିୟମ୍ ପରିସର, ସମୟ: ସକାଳ ୯ଟା।
- ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ସକାଳ ୯ଟା।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୫।
- ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଜୀବନାନୁଭୂତି ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଭୀପ୍ସା ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଦି ଲିଙ୍କ ଚକ୍ଷୁ ଚିକିତ୍ସାଳୟ ସଭାଗୃହ, ସମୟ: ଅପରାହ୍ନ ୫ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ଚତୁର୍ଥ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ଜଟଣୀ ୟୁଥ ଫେଡେରେଶନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ, ସ୍ଥାନ: ଥାନା ଛକ, ଜଟଣୀ, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା ୩୦।
- ଜଟଣୀ ପ୍ରେସ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପ୍ରେସ କ୍ଲବ ପରିସର, ଜଟଣୀ, ସମୟ ସକାଳ: ୮ଟା ୩୦।
- ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ୭୯ତମ ମଣ୍ଡଳସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରେଡଙ୍ଗ କଲୋନୀ ସାଇମନ୍ଦିର ପଡ଼ିଆ, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ବିଜେବି ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା ୧୫।
- ଶ୍ରୀ ଗୁରୁକୃପା କୁଟୀର ପକ୍ଷରୁ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବ ଓ ଶ୍ରୀକୃଷ୍ଣ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଗୁରୁକୃପା କୁଟୀର, ଶ୍ରୀହରି ବିହାର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟାରୁ।
- ଶ୍ରୀ ସିଦ୍ଧ ମହାବୀର ବାଲାଜୀ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଏବଂ ୧୪ତମ ହନୁମାନ ଚାଳିଶା ପାଠ ଓ ଭଜନ ସମାରୋହ, ସ୍ଥାନ: ଆନ୍ଧ୍ରା ବ୍ୟାଙ୍କ ନିକଟ ଶ୍ରୀ ସିଦ୍ଧ ମହାବୀର ମନ୍ଦିର ପରିସର, ଜଟଣୀ, ସମୟ: ଅପରାହ୍ନ ୫ଟା।
- ପିପୁଲ ଫର ସୋଶାଇଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଓ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିଙ୍କ ଭୂମିକା ଆଲୋଚନାଚକ୍ର, ଟାଉନ ହଲ (ସ୍ରଷ୍ଟା), ଜଟଣୀ, ସମୟ: ଅପରାହ୍ନ ୫ଟା ୩୦।

### ବାଲେଶ୍ୱର

- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ, ସ୍ଥାନ: ଥାନା ଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ପୋଲିସ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା ୧୫।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରେଞ୍ଜ ସ୍କୁଲ, ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ତହସିଲରେ ପଟ୍ଟା ବଣ୍ଟନ, ସ୍ଥାନ: ତହସିଲ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ପଞ୍ଚାୟତରେ ସ୍ୱାଧୀନତା ଦିବସ, ସ୍ଥାନ: ମନ୍ଦାରସାହି ଓ ହୁଗୁଳି ପଞ୍ଚାୟତ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

### ଭଦ୍ରକ

- ରାମଧୂନ ପରିକ୍ରମା, ସ୍ଥାନ: ଭଦ୍ରକ ପୌରପାଳିକା, ସମୟ: ଭୋର ୪ଟା ୩୦।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର ପ୍ରେସ୍ କ୍ଲବ୍, ଅବସରପ୍ରାପ୍ତ ସୈନିକ ସଂଘ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଶିଶୁବିହାର, ବାସୁଦେବପୁର, ସମୟ: ସକାଳ ୮ଟା।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ତହସିଲ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୮ଟା ୩୦।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା ୧୫।
- ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୯ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୫୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ମା' ତୁମ୍ଭେ ସଲାମ କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ, ତିହିଡ଼ି, ସମୟ: ଅପରାହ୍ନ ୫ଟା।

### କେନ୍ଦୁଝର

- ୭୯ତମ ସ୍ୱାଧୀନତା ଦିବସ ପାଳନ, ଜାତୀୟ ସଙ୍ଗୀତ ଗାନ, ସ୍ଥାନ: ପଞ୍ଚାୟତ ସମିତି, ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ ଓ ପ୍ରସାଦ ସେବନ, ସ୍ଥାନ: ଯୋଡ଼ା ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ୭୯ ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଆଇନଜୀବୀ ସଂଘ, ବଡ଼ବିଲ, ସମୟ: ସକାଳ ୭ ଟା ୧୫। ସ୍ଥାନ: ଐକ୍ୟ କ୍ଷେତ୍ର, ବଡ଼ବିଲ, ସମୟ : ସକାଳ ୭ ଟା ୩୦। ସ୍ଥାନ: ନୀଳାଦ୍ରି, ବଡ଼ବିଲ, ସମୟ : ସକାଳ ୭ ଟା ୪୫। ସ୍ଥାନ: ବଡ଼ବିଲ ପ୍ରେସ କ୍ଲବ୍, ସମୟ : ସକାଳ ୮ଟା। ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ ପରିସର, ସମୟ: ସକାଳ ୮ଟା ୩୦। ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ। ସମୟ: ପୂର୍ବାହ୍ନ ୯ ଟା।
- ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।

### ମୟୂରଭଞ୍ଜ

- ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଖୁଣ୍ଟା ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ,ସ୍ଥାନ: ପରେଡ ପଡ଼ିଆ ଭଞ୍ଜପୁର, ବାରିପଦା,ସମୟ: ସକାଳ ୯ଟା।
- ବଡ଼ସାହି ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବଡ଼ସାହି ମଇ ସ୍କୁଲ ପଡ଼ିଆ, ବଡ଼ସାହି, ସମୟ: ସକାଳ ୯ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ:ସକାଳ ୯ଟା ୧୫।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ କବି ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହ, ବାରିପଦା, ସମୟ: ଅପରାହ୍ନ ୨ଟା।
- ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ, ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।
- ଜିଲାପାଳ ଏକାଦଶ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।
- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଇସ୍କନ ବାରିପଦା ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଅଧିବାସ, ସ୍ଥାନ:ହେମଚନ୍ଦ୍ରପୁର ରାଣୀବନ୍ଧ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର

- ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ–ସକାଳ ୭ଟା ୩୦।
- ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗଜପତି ନଗର ୧ମ ଲେନ,ସମୟ: ସକାଳ ୮ଟା ୩୦।
- ଆୟୁର୍ବେଦିକ କଲେଜର ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଗୋସାଣୀ ନୂଆ ଗାଁ ଶିଶୁ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଗଜପତି ନଗର ଶିଶୁ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବାସ୍କେଟ ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏସପି ଅଫିସ ବାସ୍କେଟ ବଲ୍ କୋର୍ଟ, ସମୟ: ସନ୍ଧ୍ୟା ୫ଟା।

### ଗଞ୍ଜାମ

- ଶ୍ରୀଅରବିନ୍ଦଙ୍କ ଜନ୍ମ ଉତ୍ସବ ପାଳନ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୁଗୁଡ଼ା, ସମୟ: ସକାଳ ୯ଟା।

### ଢେଙ୍କାନାଳ

- ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ ଢେଙ୍କାନାଳ, ସମୟ: ସକାଳ ୯ଟା ୧୫।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୨ଟା।
- ଜାତୀୟ ଦିବସ ପାଳନ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢ଼େ ୬ଟା।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢ଼େ ୫ଟା।

### ଅନୁଗୋଳ

- ପ୍ରଶାସନ ତରଫରୁ ରକ୍ତଦାନ ଶିବିର, ସ୍ଥାନ: ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ, ସମୟ : ସକାଳ ୯ଟା ୩୦।
- ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ସକାଳ ୯ଟା ୧୫।

### ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ସମବେତ ପରେଡ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା

- ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀମଦ୍ ଏସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ମହାରାଜାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଇସ୍କନ ମନ୍ଦିର, ବ୍ରାହ୍ମଣସାହି, ଗଜରାଜପୁର, ରାଜନଗର, ସମୟ: ପ୍ରାତଃ ୪ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ସାଢ଼େ ୭ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଡା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର

- ଧର୍ମଶାଳା ପଞ୍ଚାୟତ ସମିତି ଓ ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ : ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।
- ଜାରକା ରୋଟାରି ଓ ଇନରହୁଇଲ୍ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜାରକା ଫ୍ଲାଏ ଓଭରବ୍ରିଜ୍ ତଳ, ସମୟ: ସକାଳ ୮ଟା।
- ବ୍ୟାସନଗର ସ୍ୱୟଂ ଶାସିତ କଲେଜରେ ସ୍ୱାଧୀନତା ଦିବସ ପାଳନ,ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ସ୍ୱାଧୀନତା ଦିବସ ପାଳନ,ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୯ଟା।

### ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାହ ମହାଯଜ୍ଞ ପାରାୟଣର ୫ମ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ ସମୟ:ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣଖପାଟଣା।
- ଜନ୍ମାଷ୍ଟମୀ ପର୍ବ, ସ୍ଥାନ:ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ:ସନ୍ଧ୍ୟା ୭ଟା।
- ଜନ୍ମାଷ୍ଟମୀ ପର୍ବ, ସ୍ଥାନ:କର୍ଣ୍ଣିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଭରତ ମହାନ୍ତି ସ୍ମୃତି ପରିଷଦ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ନୀଳମାଧବ ବିଦ୍ୟାପୀଠ କର୍ଣ୍ଣିଲୋ, ସମୟ ପୂର୍ବାହ୍ନ ୧୦ଟା।
- ଶିକ୍ଷାବିତ ଭିକାରୀ ସେଠୀ ସ୍ମାରକୀ ସ୍ମୃତି ପରିଷଦ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ କୁମ୍ଭାରପଡା ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ ସମୂହ ପରେଡ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ:ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ଼ ପିଟିଏସ୍, ସମୟ:ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ନୟାଗଡ଼ ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସମୟ:ସକାଳ ସାଢ଼େ ୭ଟା।
- ଜନ୍ମାଷ୍ଟମୀ ଅବସରରେ ନବାହ୍ନ ପ୍ରସାଦ ବଣ୍ଟନର ୨ୟ ବାର୍ଷିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହର ଗୋପିନାଥ ମନ୍ଦିର, ସମୟ:ସକାଳ ସାଢ଼େ ୭ଟା।

### ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ଲାଇନ ପଡିଆ, ସମୟ : ସକାଳ ୯ଟା୧୫।
- ଉତ୍ସର୍ଗ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା ୩୦।
- ଶୃଙ୍ଖଳା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ମଣ୍ଡଳ କାରାଗାର, ନାରୀ ବନ୍ଦୀ ନିକେତନ, ଜିଲା ମୁଖ୍ୟ ଚିକିତ୍ସାଳୟ, ଓ ଦୁର୍ଗାପାଲିସ୍ଥିତ ଦୟାମଣୀ ଜରା ନିବାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

### ବଲାଙ୍ଗୀର

- ଜେକେଜେଏସ୍ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଷ୍ଟାଡିୟମ, ଲୋଇସିଂହା, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପ୍ରତିଯୋଗିତାରେ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ:ପଞ୍ଚାୟତ ହାଇସ୍କୁଲ, ତୁର୍ଲା, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲୀଆଲୋକ ପାଠାଗାର ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପଲ୍ଲୀଆଲୋକ ପାଠାଗାର, ନଅଗାଁ(ଖ) ଆଗଲପୁର ବ୍ଲକ, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରୀ,ସ୍ଥାନ: ବଲାଙ୍ଗୀର ସହର ମୁଖ୍ୟ ରାସ୍ତା, ବଲାଙ୍ଗୀର, ସମୟ: ସକାଳ ୬ଟା।
- ପୃଥ୍ୱୀରାଜ ହାଇସ୍କୁଲରେ ଜାତୀୟ ପତାକା ଉତ୍ତୋଳନ,ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପ୍ରାଙ୍ଗଣ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୭ଟା।
- କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମନୋହରପୁର ପୋଲିସ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା।
- ଜିଲାପାଳ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ସ୍ଥାନ: ମିଶନ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

### ରାଉରକେଲା

- ଆର୍‌ଏସ୍‌ପି ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜର୍ନାଲିଷ୍ଟ ଆସୋସିଏଶନର ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସେକ୍ଟର–୨୧, ସମୟ: ସକାଳ ୮ଟା।
- ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଓ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର ପରେଡ ପଡିଆ, ସମୟ: ପୂର୍ବାହ୍ନ ୯ଟା ୧୫।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା।

### ସୁନ୍ଦରଗଡ଼

- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ସୁନ୍ଦରଗଡ ସରକାରୀ କଲେଜ ନିକଟ ଯତରା ପଡିଆ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ, ଜିଲା ପ୍ରେସ୍ କ୍ଲବ ଏବଂ ଜିଲା ପ୍ରେସ୍ କ୍ଲବ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ, ସ୍ଥାନ: ଭବାନୀ ଭବନ ଷ୍ଟାଡିୟମ, ସୁନ୍ଦରଗଡ, ସମୟ: ଅପରାହ୍ନ ୧୨ଟା ୩୦।

### ବରଗଡ଼

- ସ୍ୱାଧୀନତା ଦିବସ ପାଳନ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେଶବ ନଗର,ବରଗଡ଼, ସମୟ:ସକାଳ ୭ଟା।
- ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ: ସକାଳ ୭ଟା ୩୫।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ,ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ: ପୂର୍ବାହ୍ନ ୯ଟା ୧୫।

### କଳାହାଣ୍ଡି

- ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବାବା ଖଣ୍ଡୁଲ ଖେଳପଡିଆ, ଥୁଆମୂଳ ରାମପୁର, ସମୟ: ସକାଳ ୭ଟା ୩୦।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଥୁଆମୂଳ ରାମପୁର, ସମୟ: ସକାଳ ୭ଟା ୪୦।
- ଲାଞ୍ଜିଗଡ ବ୍ଲକ ପ୍ରଶାସନର ୭୯ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗୋପବନ୍ଧୁ ହାଇସ୍କୁଲ ଖେଳପଡିଆ ବିଶ୍ୱନାଥପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଭବାନୀପାଟଣା ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ, ସମୟ: ପୂର୍ବାହ୍ନ ୯ଟା।

### ବୌଦ୍ଧ

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୯ଟା।

### ଦେବଗଡ଼

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୬ଟା।
- ସ୍ୱାଧୀନତା ଦିବସ ଅବସରରେ ଜିଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ପ୍ରଦର୍ଶନୀ ମହିଳା ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ ଡଏସ୍ ଜିନିଏସ୍, ସ୍ଥାନ: ଦେବଗଡ଼ ଟାଉନ୍ ହଲ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ୭୯ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ଜିଲା ପ୍ରଶାସନ ଏକାଦଶ ଓ ନଗରପାଳ ଏକାଦଶ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ପଞ୍ଚମ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୯ଟା ୧୫।
- ଆଞ୍ଚଳିକ ଯାଦବ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଳନ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜାତିର ପିତା ମହାତ୍ମା ଗାନ୍ଧୀ ଓ ନୂଆପଡ଼ା ଜିଲା ଗଠନର ବିଦ୍ରୋହୀ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ଓ ଏକତା ଛକ ନୂଆପଡା, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୫।
- ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶାତ୍ମବୋଧକ ସାଂସ୍କୃତିକ ଚିତ୍ରା କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ୧୭ ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ରାଜା ଆଉଡ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୧୫।
- ୨୫ତମ କେମ୍ପାମଣି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୪ଟା।

## ପ୍ରଥମ ପୃଷ୍ଠାରୁ...

## ବାଦଲଫଟା ବର୍ଷାରେ...

କରିଥିବାବେଳେ ୧୬୭ ଜଣଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। କିସ୍ତୱାର ଡେପୁଟି କମିଶନର ପଙ୍କଜ କୁମାର ଶର୍ମା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ରେସ୍କ୍ୟୁ ଟିମ୍ ସହ ଘଟଣାସ୍ଥଳକୁ ଯାଇ ବ୍ୟକ୍ତିଗତ ଭାବେ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଲୋକଙ୍କ ଜୀବନ ରକ୍ଷା ସହ ଆହତଙ୍କୁ ସହାୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଥିବା 'X'ରେ ସେନାର ହ୍ୱାଇଟ୍ ନାଇଟ୍ କର୍ ପକ୍ଷରୁ ସୂଚନା ଦିଆଯାଇଛି। ବାଦଲଫଟା ବର୍ଷାଜନିତ ବିପଦ ଆସିବାବେଳେ ଶ୍ରଦ୍ଧାଳୁଙ୍କ ପାଇଁ ଲଙ୍ଗର ସେବା ଚାଲିଥିଲା ବୋଲି ଅଧିକାରୀମାନେ କହିଛନ୍ତି। ଏହି ଟ୍ରାଜେଡି ପରେ ମଚାଇଲ ମାତା ମନ୍ଦିରକୁ ବାର୍ଷିକ ଯାତ୍ରା ସ୍ଥଗିତ ରଖାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଏହି ବିପତ୍ତିରେ ଲୋକଙ୍କ ଜୀବନହାନିକୁ ନେଇ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୫ରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଧରାଲି ଗ୍ରାମରେ ବାଦଲଫଟା ବର୍ଷା ଯୋଗୁ ଅନେକ ଧନଜୀବନ ହାନି ହେବା ସହ ଶତାଧିକ ଲୋକ ନିଖୋଜ ହୋଇଯାଇଥିଲେ। ଫସିରହିଥିବା ଲୋକଙ୍କୁ ଉଦ୍ଧାର ଜାରି ରହିଥିବାବେଳେ ଏହାର ୯ ଦିନ ପରେ ଜମ୍ମୁ-କଶ୍ମୀରର ଚଶୋତି ଗ୍ରାମକୁ ଏକ ଅନୁରୂପ ବିପର୍ଯ୍ୟୟ ମାଡ଼ିଆସିଛି।

## ସ୍ଥାନୀୟ କର୍ତ୍ତୃପକ୍ଷଙ୍କ...

ପୁନର୍ବିଚାର ପାଇଁ ଇଣ୍ଟରଭେନ୍‌ଶନ ଦାଖଲ କରୁଛନ୍ତି, ସେମାନଙ୍କୁ ଏହାର ଦାୟିତ୍ୱ ନେବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ ଦିଲ୍ଲୀ ସରକାର କହିଥିଲେ କୁକୁର କାମୁଡ଼ା ଯୋଗୁ ଜଳାତଙ୍କରେ ଛୋଟ ପିଲାଙ୍କ ମୃତ୍ୟୁ ଘଟୁଛି। ସେଥିପାଇଁ ବୁଲା କୁକୁର ପ୍ରସଙ୍ଗର ସମାଧାନ ଆବଶ୍ୟକ, ଏହାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହେବା ଉଚିତ ନୁହେଁ। ଦେଶରେ ବର୍ଷକ ମଧ୍ୟରେ ୩୭ ଲକ୍ଷ କୁକୁର କାମୁଡ଼ା ଘଟଣା ଘଟିଛି। କେହି ପ୍ରାଣୀଙ୍କୁ ଘୃଣା କରୁନାହାନ୍ତି ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ଅଦାଲତଙ୍କୁ କହିଥିଲେ। ଏକ ଏନ୍‌ଜିଓ ତରଫରୁ ଲଢୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଏହା ଉପରେ ଅଧିକ ବିତର୍କର ଆବଶ୍ୟକତା ରହିଛି। ସେଥିପାଇଁ ଅଗଷ୍ଟ ୧୧ ରାୟକୁ ସ୍ଥଗିତ ରଖିବା ପାଇଁ ସେ ନିବେଦନ କରିଥିଲେ।

## କେନ୍ଦ୍ର ସହଯୋଗରେ ହେବ...

ମେଟ୍ରୋ ପ୍ରକଳ୍ପକୁ ଅନୁଧ୍ୟାନକରି ରିପୋର୍ଟ ଦେବେ। ତାକୁ ଅନୁଧ୍ୟାନକରି ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ କଡ଼ା ଜବାବ ରଖାଯାଇଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ନେଇ ଭାଜପା ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଦେଶର ବିକଶିତ ରାଜ୍ୟଗୁଡ଼ିକରେ ମେଟ୍ରୋ ଚଳାଚଳ ଏକ ସାଧାରଣ ଘଟଣା ହୋଇଥିବା ବେଳେ ଓଡ଼ିଶା ଭଳି ବିକାଶଶୀଳ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଆରମ୍ଭ ପାଇଁ ବିଜେଡି ସରକାର ସମୟରେ ଆବଶ୍ୟକ ପଦକ୍ଷେପ ନେଇଥିଲେ। ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହେବା ସହ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହିତ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନର ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ତହବିଲରୁ ୬୦୦୦ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। କିନ୍ତୁ ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେବାକୁ ଉଦ୍ୟମ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତବ୍ୟ ମାଧ୍ୟମରେ ଆହୁରି ଭ୍ରମ ସୃଷ୍ଟି କରିଛନ୍ତି। ଦେଶରେ ଚାଲୁଥିବା ସମସ୍ତ ମେଟ୍ରୋ ରେଳ ପ୍ରକଳ୍ପ କ୍ଷତିରେ ଚାଲୁଛି ବୋଲି ସେ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଲେନିନ୍ କହିଛନ୍ତି।

## ସାପକାମୁଡ଼ାରେ ମା'ପୁଅଙ୍କ...

ନେଇ ନିକଟସ୍ଥ କେଶଦୂରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଡାକ୍ତର ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ମିଳି ନ ଥିଲା। ଶେଷରେ ସୁନୀଲ ଏକ କାର୍ ଭଡ଼ାକରି ଉଭୟଙ୍କୁ ଭୋର ୩ଟାରେ ଆନନ୍ଦପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଭୋର ୫ଟାରେ ଜେମାମଣୀଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଘସିପୁରା ପୋଲିସ ୨ ଅପମୃତ୍ୟୁ ମାମଲା(ନଂ.୪୫/୨୫ ଓ ୪୬/୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତରକରି ତଦନ୍ତ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସହ ନୂତନ ବସ୍ତ୍ର, ଆଭୂଷଣ ଲାଭ କରିପାରନ୍ତି। ପିଲାଙ୍କ ଦାବି ମୁତାବକ ଜିନିଷ ନ ଆଣିପାରିବାରୁ ମାନସିକ ଅଶାନ୍ତି ଉପୁଜିପାରେ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ଟେନ୍ସନ ଲାଗି ରହିବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେଇପାରେ। ଅବଶ୍ୟ ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରର ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ** କର୍ମକ୍ଷେତ୍ରରେ, ବାଣିଜ୍ୟ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କଲେ ଭଲ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ, କିନ୍ତୁ ସାମାନ୍ୟ ବିତର୍କର ସ୍ଥିତି ଉପୁଜିପାରେ। ଯାତ୍ରାକାଳୀନ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କଳା, ସାହିତ୍ୟ ଓ କ୍ରୀଡ଼ା ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି।

**କର୍କଟ** ଆପଣଙ୍କ ଶାନ୍ତ, ସରଳ, ଉଦାରତା ଗୁଣରେ ଶତ୍ରୁ ମଧ୍ୟ ପ୍ରଶଂସାରେ ଶତମୁଖ ହେବ। କର୍ମକ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ଆଶା କରୁଥିବା ଶୁଭ ଖବର ପ୍ରିୟଜନଙ୍କ ନିକଟରୁ ଶୁଣି ଖୁସି ହେବେ।

**ସିଂହ** ଆଜି ଯେତେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ଯେତେପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହୋଇପଡିବ। ଅବଶ୍ୟ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିପାରେ। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକର ସୂଚନା ମଧ୍ୟ ରହିଛି।

**କନ୍ୟା** ଆଜି ଆପଣଙ୍କ ଯୁକ୍ତିଯୁକ୍ତ କଥାବାର୍ତ୍ତା, ତଥ୍ୟ ସମ୍ବଳିତ ଭାଷଣ ପ୍ରଶଂସା ଓ ଉପଢୌକନ ପ୍ରାପ୍ତିରେ ସହାୟକ ହେବ। ବହୁତ ଦିନରୁ ଟଙ୍କା ବାକି ରଖିଥିବା ଲୋକଟି ଘରେ ଆସି ଦେଇଯିବ। ନିଜ ଲୋକଙ୍କ ଭୁଲ୍‌ରୁ ଅଫିସରେ ମତାନ୍ତର ସୃଷ୍ଟି ହେବ। ପରିବହନ, ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘର ସଜାଡିବାରେ ମନୋନିବେଶ କରିବେ।

**ତୁଳା** ମନରେ ଶୁଦ୍ଧ ଭାବନା ଉଦ୍ରେକ ହେଲେ ମଧ୍ୟ ପାରିବାରିକ ଅସହଯୋଗ ଆଶା ପୂରଣ ଦିଗରେ ପ୍ରତିବନ୍ଧକ ସାଜିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନିଜର ବିଚାର ଅନୁଯାୟୀ କାମ କରିବା ଭଲ ହେବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ଧନୁ** ପରିବର୍ତ୍ତିତ ପରିସ୍ଥିତିଜନିତ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହେବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ଖୁସି ରହିପାରନ୍ତି। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କରି କାମ ହାତକୁ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା କରାଯାଇପାରେ।

**ମକର** ଗତକାଲିଠାରୁ ଯାହା କରିବାକୁ ମନସ୍ଥ କରିଛନ୍ତି ତାହା ଅବିଳମ୍ବେ ଆରମ୍ଭ କରିନେବା ଭଲ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହୃଦୟତାରୁ ଆକସ୍ମିକ ଉପସ୍ଥିତରୁ ମୁକୁଳି ଯାଇ ପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରକାଶନ, ସାହିତ୍ୟ ଚର୍ଚ୍ଚାରେ ସଫଳତା ପାଇବେ। ଶିକ୍ଷା, ଆଲୋଚନା, ଗଠନମୂଳକ କାମ, ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ। ତଥାପି ସାମୟିକ ଘାତପ୍ରତିଘାତ ମଧ୍ୟଦେଇ କାର୍ଯ୍ୟ ସମ୍ପନ୍ନ ହେବାର ଆଶଙ୍କା ଦେଖାଦେଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବାର ଆଶଙ୍କା ଜାଗ୍ରତ ହେବ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ସମସ୍ୟା ସମାଧାନ ଦିଗକୁ ଗତି କରୁଥିବା ଲକ୍ଷ୍ୟକରି ସାମୟିକ ମନ ଖୁସି ହୋଇଯାଇପାରେ। କୌଣସି ବନ୍ଧୁ କିଛି ଖବର ନ ଦେଇ ହଠାତ୍ ଆସିଯିବେ, ଯାହାକି ଆପଣଙ୍କ ମନରେ ଭାବାନ୍ତର ସୃଷ୍ଟିକରିବ। ଆଜିର ଯାତ୍ରା, ବ୍ୟବସାୟ, ଲେଖାପଢାରେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ପ୍ରେରଣାରେ ସମାଜକଲ୍ୟାଣ କାମରେ ଯୋଗ ଦେଇପାରନ୍ତି।

ଆଜି ସ୍ୱାଧୀନତା ଦିବସ, ଅଗଷ୍ଟ ୧୫ ତାରିଖ, ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଶ୍ରୀଅରବିନ୍ଦ ଜୟନ୍ତୀ, ଭାଦ୍ରବ କୃଷ୍ଣ ସପ୍ତମୀ ଶୁକ୍ରବାର, ରାତ୍ର ଘ.୧୧।୫୦ ମି. ଗତେ, ଅଷ୍ଟମୀ, ରାଶିନକ୍ଷତ୍ର–ସକାଳ ଘ. ୦୭।୩୫ ଗତେ, ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୫୦ ଗତେ, ଘ.୦୮।୨୯ ମଧ୍ୟେ, ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ଅମୃତବେଳା, ସକାଳ ଘ.୦୫।୩୦ଗତେ,ଘ.୦୬।୨୧ମଧ୍ୟେ,ଘ.୦୭।୧୨ଗତେ,ଘ.୦୮।୪୦ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧/୫୧ ମଧ୍ୟେ ରାହୁକାଳ।

**ଆଜି ୫ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ**

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଅର୍ଥାତ ଶୁକ୍ରବାର ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଓ ସୂଚନା ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

# ସ୍ୱାଭିମାନ ସହ ଖେଳିଲେ ଦଣ୍ଡ ଦେବୁ:ମୁଖ୍ୟମନ୍ତ୍ରୀ

**■ ଏକତା ସୁଦୃଢ଼ ପାଇଁ ସଂକଳ୍ପ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ**

**■ ରାଜଭବନରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ**



ଭୁବନେଶ୍ୱର,୧୪।୮ (ରବିନାରାୟଣ ଜେନା)

ଦେଶ ବିଭାଜନ ଦୃଶ୍ୟପଟରେ ଘୃଣାକୁ ପ୍ରତ୍ୟାଖ୍ୟାନ କରି କରୁଣା, ସହନଶୀଳତାର ସହ ଏକତାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି। ଗୁରୁବାର ରାଜଭବନ ନ୍ୟୁ-ଅଭିଷେକ ସଭାକକ୍ଷରେ 'ବିଭାଜନ ବିଭୀଷିକା ସ୍ମୃତି' ଦିବସ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ଆମ ଦେଶର ଇତିହାସର ସବୁଠାରୁ ବିଭୀଷିକାମୟ ଅଧ୍ୟାୟ ମଧ୍ୟରୁ ଭାରତ ବିଭାଜନ ଅନ୍ୟତମ। ଏହି ବିଭାଜନକୁ ଆମେ ଗମ୍ଭୀରତାର ସହ ସ୍ମରଣ କରୁଛୁ, ଯାହା ଆମର କଷ୍ଟଲବ୍ଧ ସ୍ୱାଧୀନତା ସହିତ ଆସିଥିଲା। ଅକଳ୍ପନୀୟ ଯନ୍ତ୍ରଣା ସହିତ ଲକ୍ଷ ଲକ୍ଷ ଲୋକ ନିଜର ଘର, ଜମି ଏବଂ ଶତାବ୍ଦୀ ଶତାବ୍ଦୀର ସହଭାଗୀ ଜୀବନକୁ ପଛରେ ପକାଇ ନୂତନ ସୀମା ପାର ହୋଇ ଭାରତ ଚାଲି ଆସିଥିଲେ। ଆଜି ସ୍ମୃତି ଦିବସରେ ଆମେ କେବଳ ହରାଇଥିବା ଲୋକଙ୍କ ସ୍ମୃତି ନୁହେଁ ବରଂ ବଞ୍ଚିଥିବା ଲୋକଙ୍କ ଦୃଢ଼ତାକୁ ମଧ୍ୟ ସମ୍ମାନ କରିବା। ସେମାନଙ୍କ ଜୀବନକୁ ପୁନଃ ନିର୍ମାଣ କରିବାରେ ସେମାନଙ୍କର ସାହସ ହେଉଛି ସେହି ମୂଳଦୁଆ, ଯାହା ଉପରେ ଆଧୁନିକ ଭାରତ ଛିଡ଼ା ହୋଇଛି। ଭବିଷ୍ୟତ ପିଢ଼ି ଏହି ଦୁଃଖଦ ଘଟଣାର ପରିଣାମ, ସହ୍ୟ କରାଯାଇଥିବା ବଳିଦାନ ଏବଂ ଆମ ଜାତି ପାଇଁ ଏହାଦ୍ୱାରା ରହିଥିବା ଶିକ୍ଷାକୁ ବୁଝିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଓ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, କେନ୍ଦ୍ରର ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏବେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି।

ଆମେ ଶାନ୍ତିପ୍ରିୟ, ହେଲେ ଆମ ସ୍ୱାଭିମାନ ସହିତ କେହି ଖେଳିଲେ ଛାଡ଼ିବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ଏହି ଦିବସ କେବଳ ବିଭାଜନ ଓ ବିସ୍ଥାପନ ସମୟର ସ୍ମୃତିଚାରଣ କରିବାର ଅବସର ନୁହେଁ ବରଂ ଭବିଷ୍ୟତ ସମୟକୁ ସୁରକ୍ଷିତ କରିବାର ପ୍ରତିଜ୍ଞା। ବିଭାଜନ ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି 'ସୀମା ସିନା ଦେଶକୁ ବାଣ୍ଟିପାରେ, କିନ୍ତୁ ମନକୁ କେହି ବାଣ୍ଟିପାରିବେ ନାହିଁ।' ଧର୍ମ, ଭାଷା, ଜାତିଠାରୁ ବଡ଼ ହେଉଛି ମାନବତା। ଆମେ ଭାରତୀୟ ସର୍ବଦା ସହିଷ୍ଣୁତା, ଭାଇଚାରା, ପ୍ରେମ ଓ ସମ୍ମାନକୁ ପ୍ରଥମରେ ରଖିଛୁ, ଆଉ ସେଥିପାଇଁ କୌଣସି ଶକ୍ତି ଆମକୁ ବାଣ୍ଟିପାରିବ ନାହିଁ। ଆସନ୍ତୁ, ଆମେ ସେହି ସ୍ୱପ୍ନକୁ ଆଗକୁ ନେବା ଓ ଏକ ବିକଶିତ ସାର୍ବଭୌମ ଭାରତ ଗଠନରେ ଯୋଗଦାନ ଦେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଜନ ବିଭୀଷିକାର ସ୍ମୃତି ଚାରଣ ବିନା ସ୍ୱାଧୀନତା ଦିବସ ପାଳନ ଅପୂର୍ଣ୍ଣାଙ୍ଗ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଏହି ବିଭାଜନ ବିଭୀଷିକା ସ୍ମୃତି ଦିବସ ଲାଗି ଜୁନିୟର ମେଣ୍ଟେନାନ୍ସ ଇଞ୍ଜିନିୟର (ଆଇଟି) ପ୍ରୀତମ କୁମାର ବେହେରା ନିମନ୍ତ୍ରଣ କରିଥିବାବେଳେ କାର୍ଯ୍ୟକ୍ରମରେ ନରୁଲା ଓ ହଂସ ପରିବାରର ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭୋଟ୍ ଚୋର ଗାଦି ଛାଡ଼:ଭକ୍ତ

**କଂଗ୍ରେସର ମଶାଲ ଶୋଭାଯାତ୍ରା**

ଭୁବନେଶ୍ୱର,୧୪।୮(ରବିନାରାୟଣ ଜେନା)

ଭାଜପାର ଭୋଟ ଚୋରି ସାରା ଦେଶରେ ପ୍ରମାଣିତ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶାଳ ମଶାଲ ଶୋଭାଯାତ୍ରା ଅବସରରେ ଭକ୍ତ କହିଥିଲେ ଯେ, ନିର୍ବାଚନ କମିଶନଙ୍କ ଜରିଆରେ ଭୋଟ ଚୋରି କରି ଭାଜପା କ୍ଷମତାକୁ ଆସିଛି ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଶବାସୀଙ୍କ ଆଗରେ ତଥ୍ୟ ଓ ପ୍ରମାଣ ଦେଇ ସାରିଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଆଜି ରାଜମହଲଛକ ଠାରୁ କଂଗ୍ରେସ ଭବନ ପର୍ଯ୍ୟନ୍ତ ମଶାଲା ଶୋଭାଯାତ୍ରା କରାଯାଇଛି। ରାଜ୍ୟବାସୀ ଯେଉଁ ସମର୍ଥନ ଜଣାଇଛନ୍ତି ସେଥିରେ ରାଜଧାନୀ କମ୍ପମାନ ହୋଇଛି।




# ରାଜ୍ୟ ସରକାର-ସିଇଜିଆଇଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୪।୮(ସୁନିତ୍ ମିଶ୍ର)

ଓଡ଼ିଶା ସରକାର ଏବଂ ସେଣ୍ଟର ଫର ଇଫେକ୍ଟିଭ ଗଭର୍ଣ୍ଣାନ୍ସ ଅଫ ଇଣ୍ଡିଆ ଷ୍ଟେଟ୍ସ(ସିଇଜିଆଇଏସ୍)ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ପତ୍ର ତଥ୍ୟ ଆଧାରିତ ଶାସନ ବ୍ୟବସ୍ଥାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବ। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏନେଇ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଲକ୍ଷ୍ୟ ସାଧନରେ ପ୍ରଶାସନିକ ତଥା ସଂସ୍ଥାଗତ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ବୁଝାମଣା ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଏକ ୫ ବର୍ଷିଆ ଅଣ-ଆର୍ଥିକ ବୁଝାମଣା ପତ୍ର ଏବଂ ଏହା ବିଶେଷକରି ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ଏହାଦ୍ୱାରା ନୀତି ନିର୍ଦ୍ଧାରକ ଏବଂ ପ୍ରଶାସକମାନେ ଯଥା ସମୟରେ ନିଷ୍ପତ୍ତି ନେବା ପାଇଁ ତଥ୍ୟ ପାଇପାରିବେ। ଯାହା ଯୋଜନାକୁ ସୁଦୃଢ଼ କରିବ, ଶାସନକୁ କାର୍ଯ୍ୟକ୍ଷମ କରିବ ଓ ସେବା ପ୍ରଦାନକୁ ସୁଦୃଢ଼ କରିବ। ସିଇଜିଆଇଏସ୍ ଫାଉଣ୍ଡେସନ ଦେଶରେ ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟାଳୟ ମନ୍ତ୍ରଣାଳୟ, ନୀତି ଆୟୋଗ, ଦକ୍ଷତା ବିକାଶ କମିଶନ, କର୍ମଯୋଗୀ ଭାରତ, ଇଣ୍ଡିଆ ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ଅଫିସ ସହିତ ଦେଶର ୭ଟି ରାଜ୍ୟ ଓ ଭାରତ ସରକାରଙ୍କ ୫ଟି ସଂସ୍ଥା ସହିତ କାର୍ଯ୍ୟ କରୁଛି। ସେଥିରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବାରେ ତଥ୍ୟ(ଡାଟା), ପ୍ରମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି।







# ସ୍ୱାଧୀନତା ଦିବସ ଉପଲକ୍ଷେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୪।୮ (ଅନୁରାଧା ମହାରଣା)

ସ୍ୱାଧୀନତା ଦିବସରେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ୦୮୦୩୭/୦୮୦୩୮ ଶାଲିମାର-ମାଳତୀପାଟପୁର-ଶାଲିମାର ସ୍ୱତନ୍ତ୍ର ଟ୍ରେନ୍ ସାନ୍ତରାଗାଛି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍‌ରେ ରହଣି କରିବ। ଶାଲିମାର (କୋଲକାତା ଅଞ୍ଚଳ) ଏବଂ ମାଳତୀପାଟପୁର (ପୁରୀ ନିକଟ) ମଧ୍ୟରେ ଥିବା ରୁଟ୍‌ରେ ସୁବିଧାଜନକ ରହଣି ପ୍ରଦାନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କ ନିକଟତମ ରେଳ ଷ୍ଟେଶନରେ କିମ୍ବା ସରକାରୀ ରେଳ ୱେବ୍‌ସାଇଟରେ ସିଟ୍ ଉପଲବ୍ଧତା ଓ ସମୟ ଯାଞ୍ଚ କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।






“ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା



# ଟ୍ରମ୍ପ୍‌ଙ୍କ ଟାରିଫ୍ ଯନ୍ତା



କୌଶିକ ବସୁ

ଭାରତରୁ ଆମଦାନୀ କରୁଥିବା ସମସ୍ତ ସାମଗ୍ରୀ (ଆଇଫୋନ୍,ଫାର୍ମାସ୍ୟୁଟିକାଲ ଉତ୍ପାଦ ବ୍ୟତୀତ) ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଟାରିଫ୍ ଲାଗୁକରିବା ପରେ ୨ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କ ବିଗିଡ଼ିଯାଇଛି। ଟ୍ରମ୍ପ ପ୍ରଶାସନର ଅତ୍ୟଧିକ ଟାରିଫ୍ ବ୍ୟବସ୍ଥା ମଧ୍ୟରେ ଥିବା ବ୍ରାଜିଲ(୫୦%), ସିରିଆ(୪୧%) ଲାଓସ୍(୪୦%) ଏବଂ ମ୍ୟାନ୍‌ମାର(୪୦%) ସହ ଭାରତ ପଞ୍ଚମ ରାଷ୍ଟ୍ରଭାବେ ଯୋଡ଼ିହୋଇଛି। ବିଶେଷକରି ଟ୍ରମ୍ପ୍‌ଙ୍କ ନିର୍ବାଚନ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଖୋଲା ସମର୍ଥନକୁ ଦେଖିଲେ ଏହି ଘୋଷଣା ଯୋଗୁ ଭାରତୀୟ ନୀତିନିର୍ଦ୍ଧାରକମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ହ୍ୱାଇଟ୍ ହାଉସ୍ କଡ଼ା ବିବୃତି ଦେଇଛି ଯେ, ରୁଷିଆର ତେଲ ଭାରତ କିଣୁଥିବାରୁ ଦଣ୍ଡ ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି । ନିକଟରେ ୱାଲ୍‌ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା ଯେ, ଏହି କାରଣର କୌଣସି ସତ୍ୟାସତ୍ୟ ନାହିଁ, କାରଣ ରୁଷିଆରୁ ସବୁଠୁ ବେଶି ତେଲ ଚାଇନା କିଣୁଥିଲେ ମଧ୍ୟ ଏହା ପାଇଁ ତାକୁ ଦଣ୍ଡିତ କରାଯାଇ ନାହିଁ।

ଏହି ଗତିଶୀଳତା ଆଣ୍ଟୋନି ଚେଖୋଭଙ୍କ କ୍ଷୁଦ୍ର ଗଳ୍ପ ‘ଦି ନିନି’କୁ ସ୍ମରଣ କରାଇଦିଏ। ବିନା କାରଣରେ ସ୍ୱେଚ୍ଛାଚାରୀ ଭାବେ ଜଣେ ମାଲିକ ତାଙ୍କ ପିଲାଙ୍କୁ ଘରେ ପଢ଼ାଉଥିବା ଶିକ୍ଷୟିତ୍ରୀଙ୍କର ପ୍ରାୟ ୧ ମାସର ଦରମା ସହିତ ସମାନ ଅର୍ଥ କାଟି ରଖନ୍ତି। ଦରମାରୁ କଟୁଥିବା ଟଙ୍କା ବିଷୟରେ ଶିକ୍ଷୟିତ୍ରୀ ପ୍ରତିବାଦ କରନ୍ତି ନାହିଁ। ଏହି ସହନଶୀଳତାକୁ ନିଯୁକ୍ତିଦାତା ଦୁର୍ବଳତା ମନେକରି ଦଣ୍ଡିତ କରୁଥିଲେ। ପରେ ସମର୍ପଣ କିଭଳି ଶୋଷଣକୁ ଆମନ୍ତ୍ରଣ କରେ ତାହା ଦର୍ଶାଇବା ପାଇଁ ଚେଖୋଭଙ୍କ ଗଳ୍ପକୁ ଦେଖି ଅର୍ଥନୀତିଜ୍ଞ ଏରିଏଲ ରୁବିନ୍‌ଷ୍ଟାଇନ୍ ଏକ ମଡେଲ ବିକାଶ କରିଥିଲେ। ଟ୍ରମ୍ପ୍‌ଙ୍କ ପ୍ରତି ଭାରତର ଏବକାର ଆନୁଗତ୍ୟ ସୂଚିତ କରୁଛି ଯେ, ଭାରତ ଏକ ଦୃଢ଼ ସ୍ୱାଧୀନ ଦେଶ ଭାବେ ଏହାର ଦୀର୍ଘମିଆଦୀ ଭୂମିକାରୁ ଦୂରେଇଯାଉଛି। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସହ-ପ୍ରତିଷ୍ଠାତା ଭାବେ ଏହା ଏକଦା ରଣନୀତିକ ସ୍ୱାୟତ୍ତତାରେ ଆଗୁଆ ଥିଲା ଏବଂ ଆମେରିକା କିମ୍ବା ରୁଷିଆ ଭଳି ବୃହତ୍ ଶକ୍ତିର ବଶତା ବିନା ଅନେକ ଦେଶ ସହ ସମନ୍ୱୟ ରକ୍ଷା କରୁଥିଲା। ଏଣୁ ଭାରତ ସେହି ପରମ୍ପରାକୁ ଆପଣାଇ ମେକ୍ସିକୋ, କାନାଡା ତଥା ଚାଇନା ଭଳି ଦେଶଗୁଡ଼ିକ ସହ ଆର୍ଥିକ ଓ କୂଟନୈତିକ ବୁଝାମଣା କରିବା ପାଇଁ ଏହା ଉପଯୁକ୍ତ ସମୟ। ଅର୍ଥାତ୍ ଟ୍ରମ୍ପ୍‌ଙ୍କ ଟାରିଫ୍‌ର ପ୍ରଭାବ ସମ୍ପର୍କରେ ସଚେତନ ଥିବା ବିଶେଷକରି ୟୁରୋପ ଓ ଲାଟିନ୍ ଆମେରିକାର ଦେଶଗୁଡ଼ିକ ସହ ବାଣିଜ୍ୟ ଓ ସହଯୋଗ ଦୃଢ଼କରିବା ଦରକାର।



ଭାରତର ପ୍ରତିଷ୍ଠିତ ଆର୍ଥିକ ସମୀକ୍ଷକମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ପ୍ରତିଶୋଧାତ୍ମକ ଟାରିଫ୍ ଲାଗୁକରିବା ମୋଦିଙ୍କ ପାଇଁ ଏକ ଭୁଲ୍ ହେବ। ପ୍ରତିଶୋଧାତ୍ମକ ଟାରିଫ୍ ଆମେରିକାର କ୍ଷତି କରିବ, ହେଲେ ଏଥିରେ ଭାରତର ପ୍ରଭୂତ କ୍ଷତି ହୋଇଯିବ। ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି। ହେଲେ ଭାରତ ହେଉଛି ଆମେରିକା ପାଇଁ କେବଳ ଦଶମ ବୃହତ୍ ଭାଗୀଦାରି, ଯାହା ମେକ୍ସିକୋ, କାନାଡା, ଚାଇନା ଓ ଜର୍ମାନୀ ପଛକୁ ରହିଛି। ଆମେରିକାର ଅର୍ଥ ବ୍ୟବସ୍ଥା ଖୁବ୍ ବଡ଼। ଏଣୁ ବଡ଼ ଆର୍ଥିକ ଝଟକାକୁ ସହିଯିବା ପାଇଁ ଏହାର କ୍ଷମତା ଅଛି। ତେବେ ଦୀର୍ଘଦିନର ବାଣିଜ୍ୟିକ ଭାଗୀଦାରିଙ୍କ ଉପରେ ଅତ୍ୟଧିକ ଟାରିଫ୍ ଲଗାଇ ଆମେରିକା ଏକ ଗୁରୁତର ଭୁଲ୍ କରୁଛି। ଏହା ନିଜକୁ ଦୂରେଇ ନେବା ସହ ତା’ ଅର୍ଥ ବ୍ୟବସ୍ଥା ପ୍ରତି ବ୍ୟାପକ କ୍ଷତି ପହଞ୍ଚାଉଛି। ଏହା ନିଶ୍ଚିତ ଯେ, ଆର୍ଥିକ ନୀତିରେ ଟାରିଫ୍ ଏକ ପ୍ରମୁଖ ଭୂମିକା ନେଇପାରେ। ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ଇନ୍‌ଫାଣ୍ଟ ଇଣ୍ଡଷ୍ଟ୍ରି (ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ନୂଆ ଶିଳ୍ପ) ନୀତି ବା ଯୁକ୍ତି । ଏହା ଦର୍ଶାଏ, ଯେତେବେଳେ ଏକ ସେକ୍ଟରର ବିକାଶର ପ୍ରାରମ୍ଭିକ ସ୍ତରରେ ଥାଏ, ସେତେବେଳେ ସାମୟିକ ଟାରିଫ୍ ସୁରକ୍ଷିତ ବିଜ୍‌ନେସ୍‌କୁ ନିବେଶକରିବା ପାଇଁ ଭରସା ଦିଏ। ସେକ୍ଟରର ବିକାଶ ତଥା ଆର୍ଥିକ ଉନ୍ନତି ହାସଲକରିବା ସହ ପ୍ରତିଯୋଗୀ ହେବା ସକାଶେ ଅନୁମତି ବି ଦେଇଥାଏ। କିନ୍ତୁ ଶିଳ୍ପ ଯେତେବେଳେ ପରିପକ୍ୱ ଅବସ୍ଥାକୁ ଆସିଯାଏ, ସେତେବେଳେ ଟାରିଫ୍ କମ୍ କରାଯିବା ଉଚିତ, ଯେଉଁଥିପାଇଁ ମୁକ୍ତ ପ୍ରତିଯୋଗିତାର ବ୍ୟବସ୍ଥା ଏହାକୁ ଆହୁରି ଭଲ ପ୍ରଦର୍ଶନ କରିବା ଲାଗି ସାହାଯ୍ୟ କରିପାରିବ। ଏହାର ଏକ ଉଦାହରଣ ହେଉଛି ଭାରତ। ୧୯୭୭ରେ,ଏକ ରାଜନୈତିକ ବିବାଦ ଯୋଗୁ ସରକାର ଆଇବିଏମ୍‌କୁ ତଡ଼ିଦେଇ ଦେଶକୁ ନିଜସ୍ୱ ମିନି ଓ ମାଇକ୍ରୋ କମ୍ପ୍ୟୁଟର ବିକାଶ କରିବା ନିମନ୍ତେ ବାଧ୍ୟ କରିଥିଲା। ବାଣିଜ୍ୟିକ ବାଧାଗୁଡ଼ିକରୁ ସୁରକ୍ଷିତ ରହି ଘରୋଇ କମ୍ପ୍ୟୁଟର ସେକ୍ଟର ଖୁବ୍ ଶୀଘ୍ର ବୃଦ୍ଧି ପାଇଲା। କିନ୍ତୁ ୧୯୯୧-୯୩ର ଆର୍ଥିକ ସଂସ୍କାର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ମାର୍କେଟ ପ୍ରବେଶ କରିବା ଦ୍ୱାରା ଭାରତର ଆଇଟି ସେକ୍ଟର ଅଭିବୃଦ୍ଧି କରିବାକୁ ସକ୍ଷମ ହେଲେ। ଏହା ସହ ଇନ୍‌ଫୋସିସ୍, ୱିପ୍ରୋ ଏବଂ ଟାଟା କନ୍‌ସଲଣ୍ଟାନ୍ସି ସର୍ଭିସ ଭଳି ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱସ୍ତରୀୟ କମ୍ପାନୀ ଭାବେ ଉଭା ହେଲେ ଏବଂ ଅପ୍ରତ୍ୟାଶିତ ଆର୍ଥିକ ଅଭିବୃଦ୍ଧି ଘଟାଇଥିଲେ।

କୌତୂହଳର ବିଷୟ ହେଉଛି, ବିକାଶର ପ୍ରାରମ୍ଭିକ ସ୍ତରରେ ଥିବା ଶିଳ୍ପର ଆର୍ଥିକ ବିକାଶର ଧାରଣା ଆଧୁନିକ ଅର୍ଥନୀତି ଆସିବା ପୂର୍ବରୁ ରହିଛି। ଏହାର ଇତିହାସ ଆମେରିକାର ପ୍ରଥମ ଟ୍ରେଜେରି(ଅର୍ଥ) ସଚିବ ଆଲେକ୍‌ଜାଣ୍ଡର ହାମିଲ୍‌ଟନ୍‌ଙ୍କ ସହ ଯୋଡ଼ିହୋଇ ରହିଛି। ଆମେରିକାର ଟାରିଫ୍ ତାହାର ନୂଆ ଶିଳ୍ପଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ସେ ଦୃଢ଼ ଦାବି କରିଥିଲେ। ୧୮୬୦ ପରେ ବାଣିଜ୍ୟ ନୀତିରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଉଚ୍ଚ ଟାରିଫ୍ ୧୯୩୪ ପର୍ଯ୍ୟନ୍ତ ଜାରି ରହିଥିଲା। ପରେ ତାହା ଦ୍ରୁତଗତିରେ ହ୍ରାସ ପାଇଥିଲା ଏବଂ ବିରାଟ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିର କାରଣ ହୋଇଥିଲା। ଭାରତ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆ ଭଳି ବିକାଶଶୀଳ ଦେଶଗୁଡ଼ିକ ସହ ପ୍ରତିଯୋଗିତା କରିବାକୁ ହେଲେ ଆମେରିକାର କର୍ମଚାରୀଙ୍କ ବେତନ ହ୍ରାସ କରିବା ଦରକାର ପଡ଼ିବ, ଯାହା ବାସ୍ତବବାଦୀ କିମ୍ବା ବାଞ୍ଛନୀୟ ରଣନୀତି ହେବନାହିଁ। ଏହା ମଧ୍ୟ ଭାରତ ପାଇଁ ପ୍ରଯୁଜ୍ୟ। ରାଜନୈତିକ ସଫଳତା ପାଇଁ ଟାରିଫ୍‌କୁ ବ୍ୟବହାର କରାଯିବା ଉଚିତ ନୁହେଁ। ଟ୍ରମ୍ପ୍‌ଙ୍କ ଟାରିଫ୍ ନୀତି ଦୃଷ୍ଟିରୁ ଆମେ କେବଳ ଆଶା କରିବା ଯେ, ସେ ନିଜ ତ୍ରୁଟିକୁ ସ୍ୱୀକାର କରିବେ ଏବଂ ଆମେରିକା ଅର୍ଥ ବ୍ୟବସ୍ଥାକୁ ଅଧିକ କ୍ଷତି ପହଞ୍ଚାଇବା ପୂର୍ବରୁ ତାଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରିବେ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 8 | | | | 5 | | |
| | | | | | 6 | | 7 | |
| | | | | | 2 | | | |
| 3 | 7 | | | | | 9 | | |
| 6 | | | 7 | | | | | |
| | 8 | | | 5 | | | | 1 |
| | 4 | 1 | 6 | 3 | | | | 2 |
| | | | | | | | | 3 |
| 9 | | | | 8 | | 4 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 1 | 8 | 4 | 6 | 7 | 3 |
| 1 | 4 | 3 | 7 | 5 | 6 | 8 | 2 | 9 |
| 6 | 7 | 8 | 2 | 3 | 9 | 5 | 1 | 4 |
| 7 | 8 | 4 | 9 | 2 | 5 | 1 | 3 | 6 |
| 3 | 6 | 2 | 8 | 4 | 1 | 7 | 9 | 5 |
| 5 | 1 | 9 | 3 | 6 | 7 | 2 | 4 | 8 |
| 8 | 9 | 6 | 4 | 1 | 2 | 3 | 5 | 7 |
| 2 | 3 | 7 | 5 | 9 | 8 | 4 | 6 | 1 |
| 4 | 5 | 1 | 6 | 7 | 3 | 9 | 8 | 2 |

ଗତକାଲିର ଉତ୍ତର

# ନୂଆ ଓଡ଼ିଶାର ନୂଆ ପିଢ଼ିକୁ ଆହ୍ୱାନ



ମୋହନ ଚରଣ ମାଝୀ

ଆଜି ପବିତ୍ର ସ୍ୱାଧୀନତା ଦିବସ। ପିଢ଼ି ପରେ ପିଢ଼ିର ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳଦୁଆ ଉପରେ ଠିଆ ହୋଇଛି ଆମ ସ୍ୱାଧୀନତା ଓ ଗଣତନ୍ତ୍ରର ସୌଧ। ଆମର ବଳିଦାନୀ ସ୍ୱାଧୀନତା ସଂଗ୍ରାମୀ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ମୃତିରେ କୋଟି କୋଟି ପ୍ରଣାମ। ଆମର ସ୍ୱାଧୀନତା ସଂଗ୍ରାମ କେତୋଟି ହାତଗଣତି ପରିବାରର ଅବଦାନ ନ ଥିଲା ବରଂ ଏହା ଥିଲା ଗତ ଶତାବ୍ଦୀର ସବୁଠାରୁ ବଡ଼ ଜନ ଆନ୍ଦୋଳନ।

ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାରା ଦେଶ ଓ ମୋ ପ୍ରିୟ ରାଜ୍ୟବାସୀଙ୍କ ସହ ଏହି ମହାନ୍ ଉତ୍ସବରେ ସାମିଲ। ଆଜି ରାଜଧାନୀର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍‌ରେ ଯୋଗଦେବାର ଉତ୍ସାହ ଅଛି। ଏହି ଅବସରରେ ମୁଁ ନିଶ୍ଚିତ ଭାବରେ ମୋ ସରକାର, ଜନ ଆକାଂକ୍ଷା ଓ ବିକାଶର ଆଲୋଚନା କରିବି। କିନ୍ତୁ ତା’ ପୂର୍ବରୁ ମୋ ରାଜ୍ୟର ନୂଆ ଓଡ଼ିଶାର ନୂଆ ପିଢ଼ି ସହ କିଛି କଥା - କିଛି ବ୍ୟଥା ବାଣ୍ଟିବାକୁ ଚାହୁଁଛି।

ଆମ ମାତୃଭୂମି ଓଡ଼ିଶା କେବଳ ଏକ ଭୂଖଣ୍ଡ ନୁହେଁ। କେବଳ ଏକ ଭୌଗୋଳିକ ଅବସ୍ଥିତି ନୁହେଁ, ଏହା ୪.୫ କୋଟି ଓଡ଼ିଆଙ୍କ ଭାବାବେଗର ଅଭିବ୍ୟକ୍ତି। ହଜାର ହଜାର ବର୍ଷର ଆମ ଇତିହାସରୁ ପ୍ରେରଣା ନେଇ ବିକାଶର ରାସ୍ତାରେ ଯିବା ସତ, କିନ୍ତୁ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ‘ବିକାଶ ଭି ବିରାଶତ୍ ଭି’ ଏହି ମନ୍ତ୍ରରେ ଉଦ୍‌ବୁଦ୍ଧ ହେବା ପାଇଁ ମୁଁ ନୂଆ ଓଡ଼ିଶାର ନୂଆ ପିଢ଼ିକୁ ସ୍ୱାଧୀନତା ଦିବସର ଏହି ଶୁଭ ଅବସରରେ ଆହ୍ୱାନ ଜଣାଉଛି।

ସାରା ବିଶ୍ୱରେ ଅନେକ ସଭ୍ୟତା ଜନ୍ମ ନେଇଛି। ଏହାର ବିଲୟ ବି ହୋଇଛି। ଭାରତୀୟ ସଭ୍ୟତା ଅନାଦି-ଅନନ୍ତ କାଳରୁ ଅଛି ଏବଂ ଭାରତର ସନାତନୀ ବିଚାର ଆହୁରି ଯୁଗ ଯୁଗ ଧରି ବଞ୍ଚି ରହିବ, କାରଣ ଆମେ ଭାରତୀୟ ଆମ ଐତିହ୍ୟ ପରମ୍ପରାକୁ ସାଙ୍ଗରେ ନେଇ ହିଁ ଆଗକୁ ଯାଉଛୁ।

ମହମ୍ମଦ ଇକ୍‌ବାଲଙ୍କ ‘ସାରେ ଜହାଁ ସେ ଅଚ୍ଛା’ କବିତାର ପଦଟିଏ କହିବି-
‘‘ୟୁନାନ-ଓ-ମିଶ୍ର-ଓ-ରୋମା, ସବ୍ ମିଟ୍ ଗୟେ ଜହାଁ ସେ
ଅବତକ ମଗର ହେ ବାକି, ନାମ ଔର ନିଶାନ ହମାରା
କୁଛ ବାତ୍ ହୈ କି ହସ୍ତୀ ମିଟତି ନେହିଁ ହମାରି’’

ସେଇ ‘କୁଛ୍ ବାତ୍ ହେଁ କୀ ହସ୍ତୀ’ ହେଉଛି ଆମ ଭାରତୀୟ ସମାଜର ସଂସ୍କୃତି-ପରମ୍ପରା ଓ ଅସ୍ମିତା।

୧୯୪୭ରେ ଆମର ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ଏ ଓଡ଼ିଆ ଜାତି ସମାନ୍ତରାଳ ଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଭାରତରୁ ବିଲାତ ପର୍ଯ୍ୟନ୍ତ ସଂଘର୍ଷ ଲଢ଼ିଥିଲା। ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ହେଲା।

ଆମେ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ଲଢ଼େଇ ଲଢ଼ିଲୁ। ଦେଶର ମୁକ୍ତି ଆନ୍ଦୋଳନ ବି ଲଢ଼ିଲୁ। ଗୋଟିଏ ପଟେ ଆଞ୍ଚଳିକ ପରିଚୟ ପାଇଁ ଲଢ଼େଇ, ସେପଟେ ରାଷ୍ଟ୍ରୀୟ ସ୍ରୋତ। ଓଡ଼ିଶା ସାରା ଦେଶକୁ ରାଷ୍ଟ୍ରୀୟ ଏକତାର ନୂଆ ସନ୍ଦେଶ ଦେଇଥିଲା। ଦୁଇଟି ଆନ୍ଦୋଳନ, ଆଞ୍ଚଳିକ ସ୍ୱତନ୍ତ୍ର ପରିଚୟକୁ ସ୍ୱୀକୃତି ଓ ରାଷ୍ଟ୍ରୀୟ ମୁକ୍ତି ସଂଗ୍ରାମ, ଏକ ଓ ଅଭିନ୍ନ, ଏହା ଓଡ଼ିଶା ହିଁ ସମ୍ଭବ କରି ଦେଖାଇଥିଲା।

ଆମ ଓଡ଼ିଆ ମାଟିର ଶକ୍ତି କିଛି ଅଲଗା। କିଏ କହିଲା ଓଡ଼ିଶା କଳିଙ୍ଗ ଯୁଦ୍ଧ ହାରିଥିଲା? କଳିଙ୍ଗ ଯୁଦ୍ଧରେ ଲକ୍ଷେ ଓଡ଼ିଆଙ୍କ ବଳିଦାନ ଦୟାନଦୀକୁ ରକ୍ତରଞ୍ଜିତ କରି ନ ଥିଲା ବରଂ ଓଡ଼ିଆଙ୍କ ବଳିଦାନ ସାରା ବିଶ୍ୱରେ ବୌଦ୍ଧ ମତର ପ୍ରଚାର ମାଧ୍ୟମରେ ଶାନ୍ତିର ବିଜୟ ବୈଜୟନ୍ତୀ ଉଡ଼ାଇଥିଲା।

ରାଜ୍ୟ ଯୁଦ୍ଧ ଲଢୁଥିଲା। କିନ୍ତୁ ରାଜା ନ ଥିଲେ? ବୋଧହୁଏ ଇତିହାସକାରମାନଙ୍କର ଏହା ମତ। କିନ୍ତୁ ଆଜି ଦିନରେ ଭାରତୀୟ ଇତିହାସକାରମାନେ ସେ ସମୟର ଯୁଦ୍ଧ ବ୍ୟବସ୍ଥା, ନାଗରିକ ସମାଜର ସାମୂହିକ ନିର୍ଣ୍ଣୟ ଏବଂ ଯୁଦ୍ଧ ରଣନୀତି ଉପରେ ପୁଣି ଅନୁଧାନ ଓ ଗବେଷଣା କରି ଅନେକ ପରଦା ହଟାଇବାର ସମ୍ଭାବନା ଅଛି। ଓଡ଼ିଶାରେ ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ଗଣତନ୍ତ୍ରର ପଦଚିହ୍ନ ଖୋଜିବାକୁ ଆଜି ସମୟ ଆସିଛି କି ନାହିଁ ଥରେ ଚିନ୍ତା କରନ୍ତୁ ? ରାଜା ନ ଥିଲେ, ରାଜ୍ୟ ଓ ଯୁଦ୍ଧ ସୁପରିଚାଳନା ହେଉଥିଲା ଏହା ତ ବଡ଼ ଗବେଷଣାର ପ୍ରସଙ୍ଗ। ମାନେ, ଯଦି ଏହା ସତ ତେବେ ଓଡ଼ିଶା ବିଶ୍ୱକୁ ନୂଆ ମ୍ୟାନେଜମେଣ୍ଟ ଥିଓରି ଶିଖାଇବାର କ୍ଷମତା ରଖିଛି ବୋଲି କୁହାଯାଇପାରିବ ନା ନାହିଁ?

ମୋର ଓଡ଼ିଶାର ନୂଆ ପିଢ଼ିଙ୍କୁ ଅନୁରୋଧ, ଥରେ କୋଣାର୍କ ଯାଇ ଓଡ଼ିଶାର ବୈଜ୍ଞାନିକ ପରମ୍ପରାକୁ, ଉଦ୍ୟମୀ ସମାଜ ତଥା ପ୍ରାଚୀନ ଯୁଗରେ ଆଧୁନିକତାର ଛାପକୁ ଆଖିରେ ଦେଖନ୍ତୁ।

ଆଉ ଥରେ କୋଣାର୍କ ବୁଲନ୍ତୁ, ଅନୁଭବ ଲେଖନ୍ତୁ। ଭଗବାନ ସୂର୍ଯ୍ୟନାରାୟଣଙ୍କ ଉଦୟରୁ ଅସ୍ତ, ଗ୍ରହ ମଣ୍ଡଳର ଗତି, ପୃଥିବୀ-ସୂର୍ଯ୍ୟ-ଚନ୍ଦ୍ରର ସ୍ଥିତି-ଅବସ୍ଥିତିର ଗଭୀର ଅଧ୍ୟୟନ ବିନା ସୂର୍ଯ୍ୟମନ୍ଦିର ସମ୍ଭବ କି? ଚତୁଃପାର୍ଶ୍ୱର ସୂର୍ଯ୍ୟମୂର୍ତ୍ତିମାନଙ୍କର ଅବସ୍ଥିତି, ଚକରେ ସମୟ ଗଣନାର ନିର୍ଭୁଲ୍ ପ୍ରକ୍ରିୟା ଓଡ଼ିଆ ଜାତିର ବୈଜ୍ଞାନିକ ଆଧାରର ପ୍ରମାଣ ନା ନାହିଁ?

ସୂର୍ଯ୍ୟମନ୍ଦିର ଆମ ପୂର୍ବ ପୁରୁଷମାନେ ଆଷ୍ଟ୍ରୋଫିଜିକ୍ସରେ ପାରଙ୍ଗମ ଥିଲେ ବୋଲି ପ୍ରମାଣିତ କରୁନାହିଁ କି? କୋଣାର୍କରେ ଜିରାଫର ମୂର୍ତ୍ତି ଓଡ଼ିଶାର ଆଫ୍ରିକା ମହାଦେଶ ସହ ସମ୍ପର୍କର ସୂଚନା ଦେଉନାହିଁ କି?

କୋଣାର୍କ କାନ୍ଥରେ ଭ୍ୟାନିଟି ବ୍ୟାଗଧାରୀ ମହିଳାଙ୍କ ମୂର୍ତ୍ତିକୁ ଥରେ ଦେଖନ୍ତୁ। ତ୍ରୟୋଦଶ ଶତାବ୍ଦୀ ମହିଳାଙ୍କ ହାତରେ ଭ୍ୟାନିଟି ବ୍ୟାଗ? ନୂଆ ଓଡ଼ିଶାର ନୂଆ ପିଢ଼ି କୋଣାର୍କର ଏହି ମୂର୍ତ୍ତିକୁ ନିଜେ ଆଖିରେ ଦେଖିବା ଉଚିତ କି ନାହିଁ ?

ଆମର ପୁଅ ପଠାଣି ସାମନ୍ତ କେତେ ଖଣ୍ଡ ବାଉଁଶ ନଳୀରେ ସୂର୍ଯ୍ୟ-ଚନ୍ଦ୍ର, ଗ୍ରହ-ନକ୍ଷତ୍ରଙ୍କ ସ୍ଥିତି ଏବଂ ଅବସ୍ଥିତିର ନିର୍ଭୁଲ୍ ଗଣନା କରିଥିଲେ ନା ନାହିଁ ?

ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରକାଶିତ ହେଉଥିବା ପଞ୍ଜିକାର ଗଣନାରେ କେବେ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣର ଗଣନା ଭୁଲ୍ ହୋଇଛି? ବିଜ୍ଞାନର ସୃଷ୍ଟିର କାହିଁ କେଉଁ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଜାତି ବିଜ୍ଞାନରେ ପାରଙ୍ଗମ ଥିଲା, ଏହା ପ୍ରମାଣ ଦେବାର ଆବଶ୍ୟକତା ଅଛି କି?

ଆମ ସନ୍ଥକବି ଭୀମ ଭୋଇଙ୍କର କାଳଜୟୀ କବିତା ‘‘ପ୍ରାଣୀଙ୍କ ଆରତ, ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ’’ ବୋଧହୁଏ ପୃଥିବୀର ସବୁଠୁ ବଡ଼ ଦାର୍ଶନିକମାନଙ୍କଠାରୁ ଆମ ଭୀମ ଭୋଇଙ୍କ ବିଚାର ବହୁ ଉଚ୍ଚକୋଟୀର, ଏଥିରେ ସନ୍ଦେହ କରିବାର କିଛି ଅଛି ? ଓଡ଼ିଶା ହେଉଛି ଏହି ଜାତି। ଯେଉଁଠି ସଂସ୍କୃତ ପରେ ପ୍ରଥମେ ଓଡ଼ିଆ ଭାଷାରେ ସାରଳା ଦାସ ମହାଭାରତ ରଚନା କରିଥିଲେ। ମହାକବି କାଳିଦାସ ଓଡ଼ିଶାର ରାଜାଙ୍କୁ ‘ମହୋଦଧି ପତି’ ଅର୍ଥାତ୍ ସମୁଦ୍ରର ରାଜା ଭାବେ ସମ୍ବୋଧିତ କରିଛନ୍ତି।

ଆମର ସାଧବପୁଅ ପୂରା ଦକ୍ଷିଣ-ପୂର୍ବ ଏସୀୟ ଦେଶ ସମୂହରେ ବେପାର ବଣିଜ କରି ଓଡ଼ିଶାକୁ ସମ୍ପନ୍ନ କରି ନ ଥିଲେ ବରଂ ସମଗ୍ର ବିଶ୍ୱରେ ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ଏକ ଆଗୁଆ ଭୂଖଣ୍ଡ କରିଥିଲେ। ଏ ଜାତିର ଗୌରବର ଗାଥା ଗଙ୍ଗାରୁ ଗୋଦାବରୀ ବିଜୟର ସଫଳତା ପଛରେ ଲୁଚିଛି।

ଆଜି ପବିତ୍ର ସ୍ୱାଧୀନତା ଦିବସରେ ନୂଆ ଓଡ଼ିଶାର ନୂଆ ପିଢ଼ିଙ୍କୁ ଓଡ଼ିଶାର ଐତିହ୍ୟ - ପରମ୍ପରା ଏବଂ ମହାନ୍ ଇତିହାସର ଅଧ୍ୟୟନ କରିବା ସହ ସେଥିରେ ଗର୍ବିତ ହେବାକୁ ଆହ୍ୱାନ ଜଣାଉଛି।

୨୦୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୪୭ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୨୫ରୁ ୨୦୩୬ ଆଉ ୧୦-୧୧ ବର୍ଷର ସମୟ। ୨୦୨୫ରୁ ୨୦୪୭ ଆଉ ୨୦-୨୨ ବର୍ଷର ସମୟ। ହାତରେ ମୋଟ ୨ ଦଶନ୍ଧିର ସମୟ ଏବଂ ସେଥିରେ ପ୍ରଥମ ଦଶନ୍ଧି ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

ଆସନ୍ତୁ ପବିତ୍ର ସ୍ୱାଧୀନତା ଦିବସରେ ଗଣତନ୍ତ୍ରର ଜୟ ଜୟକାର କରିବା ତା’ସହ ବିକାଶ ପାଇଁ ହିଁ ଗଣତନ୍ତ୍ର ଏହାର ମହତ୍ତ୍ୱକୁ ବୁଝି ବିକଶିତ ଭାରତର ମୂଳଦୁଆ ଆମ ଜନ୍ମମାଟି ଓଡ଼ିଶାରୁ ପକାଇବା। ସେଥିପାଇଁ ସୁଚିନ୍ତିତ ଯୋଜନା ସହ ସମୟବଦ୍ଧ ଲକ୍ଷ୍ୟ ଆଧାରିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୋ ସରକାର ବଦ୍ଧପରିକର।

ସାମ୍ନାରେ ଆମର ଭିଜନ-୨୦୩୬ ଅଛି। ୨୦୨୯ ମସିହା ସୁଦ୍ଧା ଆମର ଲକ୍ଷ୍ୟ ସଂକଳ୍ପପତ୍ର ମାଧ୍ୟମରେ ଉପଲବ୍ଧ। ଗଣତନ୍ତ୍ରରେ ବିତର୍କ ଓ ଆଲୋଚନା ମାଧ୍ୟମରେ ସବୁ ମତ, ମତ ପାର୍ଥକ୍ୟକୁ ଗୋଟିଏ ମଞ୍ଚରେ ଏକାଠି କରି ଆସନ୍ତୁ ଆମର ଭବିଷ୍ୟତ ପାଇଁ ଏକମତ ହେବା।

ମୋର ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନେ ଆମର ନିଷ୍ଠାପର ଉଦ୍ୟମ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମକୁ ସଫଳତାର ଶୀର୍ଷକୁ ନେଇପାରିବ ବୋଲି ଓଡ଼ିଆ ଜାତିର ଏହା ଦୃଢ଼ ବିଶ୍ୱାସ।

ଦିନେ ମହାପ୍ରଭୁ ବଡ଼ଭାଇଙ୍କ ସହ କଳା-ଧଳା ଘୋଡ଼ାରେ ଚଢ଼ି ଆମ ରାଜା ଓ ରାଜ୍ୟବାସୀଙ୍କ ମାନ ରଖିବା ପାଇଁ କାଞ୍ଚି ବିଜୟରେ ବାହାରି ଥିଲେ। ଓଡ଼ିଆଙ୍କ ଏହି ଅଖଣ୍ଡ ଜନ ବିଶ୍ୱାସରେ ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାମିଲ। ଆସନ୍ତୁ ପୁଣି ଆମ ରାଜ୍ୟ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆଜି ଦିନରେ ଶପଥ ନେବା।

ବନ୍ଦେ ଉତ୍କଳ ଜନନୀ
ଭାରତ ମାତାକୀ ଜୟ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# ମହାଯୋଗୀ ଶ୍ରୀଅରବିନ୍ଦ



ବିମଳ ପ୍ରସନ୍ନ ଦାସ

ଶ୍ରୀଅରବିନ୍ଦଙ୍କ ପବିତ୍ର ଆବିର୍ଭାବ ଦିବସ (୧୫ ଅଗଷ୍ଟ ୧୮୭୨) ର ମହିମା ପ୍ରତିପାଦିତ କରି ଦିବ୍ୟ ଜନନୀ ଶ୍ରୀମା ଏହାକୁ ଶାଶ୍ୱତଙ୍କ ଜନ୍ମ ଭାବରେ ଅଭିହିତ କରିଛନ୍ତି । ଏହାର ତାତ୍ପର୍ଯ୍ୟ ବୁଝାଇ କହିଛନ୍ତି, ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ହେଉଛି ପୃଥିବୀ ପୃଷ୍ଠରେ ପରମ ଓ ଶାଶ୍ୱତଙ୍କର ଶାଶ୍ୱତ ଆବିର୍ଭାବ। ୧୫ ଅଗଷ୍ଟ ୧୯୪୭ରେ ଭାରତ ବି ସ୍ୱାଧୀନ ହୋଇଥିଲା। ଯୁଗପୁରୁଷଙ୍କ ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରତିଷ୍ଠା ହେବା କେବଳ ଏକ ଆକସ୍ମିକତା ନ ହୋଇ ପାରେ, ତାହା ହୋଇପାରେ ଏକ ବିସ୍ମୟ, ଏକ ଆଲୌକିକତା। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତ ନଦୀ, ଗିରି, ବନ, ପାହାଡ଼, ପର୍ବତ ଓ କାନ୍ତାରର ସମାହାର କିମ୍ବା ୪୦ କୋଟି ଲୋକଙ୍କର ଅଧ୍ୟୁଷିତ ଭୂମି ନୁହେଁ। ଏହା ଏକ ଅଖଣ୍ଡ ସଂସ୍କୃତିର ପ୍ରବହମାନ ଧାରା, ଏକ ଜୀବନ୍ତ ସତ୍ତା ମା। ତା’ର ବିକାଶଶୀଳ ଆତ୍ମା, ଏକ ବିବିଧବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସମ୍ବେଦନଶୀଳା, ପୁଣ୍ୟମୟୀ ମା’। ତା’ର ଗୌରବ-ପୂର୍ଣ୍ଣ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ସହ ସଂଯୁକ୍ତ କରୁଥିବା ତାଙ୍କର ଆଧ୍ୟାତ୍ମିକ ଉପଲବ୍ଧି ତାଙ୍କ ତପସ୍ୟାର ଫଳଶ୍ରୁତି। ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେବା ତା’ର ସ୍ଥୂଳ ପରିପ୍ରକାଶ। ଏହି ପବିତ୍ର ଐତିହାସିକ ଦିବସ ବିରଳ ଗୌରବ ବହନ କରିଛି ଯେତେବେଳେ ରାଷ୍ଟ୍ର ତଥା ରାଷ୍ଟ୍ରନାୟକମାନଙ୍କର ଯୁଗ୍ମ ଜୟନ୍ତୀ ପାଳିତ ହେଉଥିବ।

ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟିରେ ଭାରତୀୟତା ଏକ ବିସ୍ତୃତ ଚେତନା। ତାଙ୍କୁ ଅଭିବ୍ୟକ୍ତ କରି ଶ୍ରୀମା ଯଥାର୍ଥରେ କହିଛନ୍ତି, ‘ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ସେ ତ ବିଶ୍ୱ ଭଳି ବିଶାଳ ଏବଂ ଅସୀମ ଓ ଅନନ୍ତ ତାଙ୍କର ବାର୍ତ୍ତା। ସେ ବୈରାଗୀ, ବନଚାରୀ ବା ସନ୍ନ୍ୟାସୀ ନୁହନ୍ତି। ସେ ହିଁ ମୁକ୍ତି ସଂଗ୍ରାମର ମହାସଙ୍ଗୀତ ‘ବନ୍ଦେ ମାତରମ୍’ର ଆଗ୍ନେୟ ଆହ୍ୱାନ। ଉତ୍ସାହ ଓ ଉଦ୍ଦୀପନାର ଅଫୁରନ୍ତ ଉତ୍ସ। ସେ ମହାଯୋଗୀ, ଜ୍ଞାନ, ଭକ୍ତି ଓ କର୍ମର ଅପୂର୍ବ ସମନ୍ୱୟ-ପୂର୍ଣ୍ଣ ଯୋଗର ପବିତ୍ର ତ୍ରିବେଣୀ ସଙ୍ଗମ। ଶ୍ରୀମାଙ୍କ ଅନୁପମ ଭକ୍ତି ‘ଶ୍ରୀଅରବିନ୍ଦଙ୍କ ବାଣୀ ଅମ୍ଳାନ ସୂର୍ଯ୍ୟାଲୋକ ସଦୃଶ ଭବିଷ୍ୟତକୁ ଉଦ୍‌ଭାସିତ କରେ’। ସମଗ୍ର ବିଶ୍ୱ ଏକମାତ୍ର ଆଦି ଚେତନାର ପ୍ରବାହ। ସେ ହିଁ ଚେତନାର କ୍ରମ ବିକାଶ, ଅବିଭକ୍ତ ଆତ୍ମହାର ଉତ୍ତରଣ ଓ ଅବତରଣ। ଜଡ଼ରୁ ଜୀବନ, ପ୍ରାଣ, ମନ ଓ ଅତିମାନସ - ଏ ସବୁର ନିଶ୍ଚିତ ପ୍ରତିଶ୍ରୁତି ସେ ରଖିଯାଇଛନ୍ତି। ଚୈତନ୍ୟ ପୁରୁଷଙ୍କ ଜାଗରଣ, ମନ, ପ୍ରାଣ, ଶରୀରର ବିବର୍ତ୍ତନ ଏ ସମସ୍ତ ରହସ୍ୟ ତାଙ୍କ ଦିବ୍ୟଦୃଷ୍ଟିରେ ଉନ୍ମୋଚିତ ହୋଇଛି। ଅତିମାନସ ଶକ୍ତିର କ୍ରିୟା ଫଳରେ ଆଜିର ଅର୍ଦ୍ଧପଶୁବତ ମଣିଷ ଦିବ୍ୟ ସ୍ୱରୂପ ଧାରଣ କରିବ, ଏ ପୃଥିବୀ ଦିବ୍ୟ ମାନବ ଦ୍ୱାରା ଅଧ୍ୟୁଷିତ ହେବ, ଏହା ସେ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରି ଯାଇଛନ୍ତି। ଅତିମାନସ କ୍ରିୟା ଫଳରେ ଏ ମଣିଷ ଦିବ୍ୟ ମାନବର ରୂପାନ୍ତରିତ ହୋଇଯିବ। ମୃତ୍ୟୁର ସନ୍ତାନ ବୁଝିପାରିବ ସେ ହିଁ ‘ଅମୃତର ସନ୍ତାନ’। ଶ୍ରୀଅରବିନ୍ଦ ‘ଦିବ୍ୟ ଜୀବନ ଗ୍ରନ୍ଥ’ରେ ୬୮୪-୮୫ ପୃଷ୍ଠାରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଭକ୍ତି ହିଁ ମୃତ୍ୟୁ ଦେବତାଙ୍କ ପ୍ରଶ୍ନର ମା’ ସାବିତ୍ରୀଙ୍କ ଯଥାର୍ଥ ଉତ୍ତର। ସତ୍ୟବାନଙ୍କ ଜୀବନ ଫେରାଇ ଦେବାପାଇଁ ମା’ ଦାବି କଲାରୁ ଯମରାଜ ଅତ୍ୟନ୍ତ ବିଦ୍ରୂପ କରି କହିଲେ ‘ଏଇ ଦୁଇଗୋଡ଼ିଆ ଲଙ୍ଗଳା, ଫୁଙ୍ଗୁଳା କୀଟ ଯାହାକୁ କହ ମଣିଷ ତା’ ଦେହ ଓ ମୁହଁରେ ଦେବତାର ସ୍ୱରୂପ କିଏ ଦେଖିବ? (‘ସାବିତ୍ରୀ’ ୬୩୪ ପୃଷ୍ଠା )



ଶ୍ରୀଅରବିନ୍ଦଙ୍କ ଭବିଷ୍ୟତର ମହାକାବ୍ୟ, ‘ସାବିତ୍ରୀ’ ଯୋଗମାର୍ଗ ବିଭୂତିର ସଂହିତା। ତାଙ୍କ ଦିବ୍ୟଜୀବନ ଗ୍ରନ୍ଥ (LIFE DIVINE) ଯୋଗ ସମନ୍ୱୟ (SYNTHESIS OF YOGA) ବେଦର ରହସ୍ୟ (SECRETS OF VEDA), ଗୀତା ନିବନ୍ଧମାଳା (ESSAYS OF GITA) ଭାରତୀୟ ସଂସ୍କୃତିର ମୂଳଧାର (FOUNDATION OF INDIAN CULTURE) ଯୋଗ ପତ୍ରାବଳି (LETTERS ON YOGA) ପ୍ରଭୃତି ଗ୍ରନ୍ଥରେ ଜଗତ ଓ ଜୀବନର ଅବିସ୍ମରଣୀୟ ଅତୀତ ସହ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ଉନ୍ମୋଚିତ ହୋଇଛି। ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି ଭାରତର ସ୍ୱଧର୍ମ ଓ ସ୍ୱଭାବର ପ୍ରତିଷ୍ଠା ସେ ପ୍ରତ୍ୟକ୍ଷ କରିଛନ୍ତି ଏକ ମହତ୍ତର ଅତିମାନସ ମାନବୋତ୍ତର ପ୍ରାଣୀର ଆବିର୍ଭାବ ଏବଂ ସାମ୍ପ୍ରତିକ ସମୟର ଗ୍ଲାନି, ହିଂସା, ଦ୍ୱେଷ ଓ ଅତ୍ୟାଚାର ସତ୍ତ୍ୱେ ଏକ ନୂତନ ଯୁଗର ଆଗମନୀ। ଅନ୍ଧକାର ଓ ନିଶ୍ଚେତନା ଉପରେ ବିଜୟ ଲାଭ କରିଥିବା ଦିବ୍ୟଚେତନାର ଅଭ୍ୟୁଦୟ। ମଣିଷର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ସେ ପ୍ରଚଣ୍ଡ ଆଶାବାଦୀ। ତାଙ୍କର ବାଣୀ ଓ ରାଶି ରାଶି ରଚନା ପାଠକଲେ ମଣିଷ ଆଶାୟୀ ହୁଏ, ଆଶ୍ୱସ୍ତ ହୁଏ ଯେ ଏ ସଭ୍ୟତାର ଉତ୍ତରଣ, ଅଟକିଯିବନାହିଁ, ଏ ପୃଥିବୀ ଧ୍ୱଂସ ପାଇବ ନାହିଁ। ବିଶ୍ୱାସ ଓ ବାସ୍ତବତା, ସଂସାର ଓ ଈଶ୍ୱର ମଧ୍ୟରେ ରହି ଆସିଥିବା ଯୁଗ ଯୁଗର ବ୍ୟବଧାନର ସେ ସଫଳ ତଥା ସାର୍ଥକ ସଂଯୋଜକ। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ ଓ ନାନକ ପ୍ରଭୃତି ଯେତେ ଅବତାର ଓ ସିଦ୍ଧ ସାଧକଙ୍କର ପ୍ରବାଦ ଓ ପ୍ରବଚନ ରହିଛି ସେ ଠିକ୍ ସେପରି ନୁହନ୍ତି ବା ସେସବୁ ସହିତ ଏକ ସଂଯୋଜନ ନୁହନ୍ତି। ସେ ସ୍ୱତନ୍ତ୍ର ଓ ବିରଳ। ତାଙ୍କର ସିଦ୍ଧାନ୍ତ ସାମ୍ପ୍ରତିକ ଅମାନୁଷିକତାର ମଣିଷ ଜାତିକୁ ଅତିମାନସିକତା ଆଡ଼କୁ ନେଇଯାଉ । ଆଜି ସେ ମହାଯୋଗୀଙ୍କ ପବିତ୍ର ଜନ୍ମତିଥିରେ ଆମେ ତାଙ୍କ ପାଦପଦ୍ମରେ କୋଟି ପ୍ରଣାମ ନିବେଦନ କରୁଛୁ।

ମୋ: ୯୪୩୮୧୮୬୨୨୬

## ଏଇ ଭାରତରେ

କଶ୍ମୀର ଜଳବାୟୁରେ ସାଫ୍ରୋନ ଚାଷ ହୁଏ। ଭାରତର ଅନ୍ୟ ଅଞ୍ଚଳରେ ଏହି ଚାଷ ଅସମ୍ଭବ ଥିବାବେଳେ ତାହାକୁ ସମ୍ଭବ କରିପାରିଛନ୍ତି କେରଳର ଶେଷାଦ୍ରି ଶିବକୁମାର। ସେ ପ୍ରତିକୂଳ ପରିବେଶରେ କଶ୍ମୀରର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି, ଯାହା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ପେସାରେ ସେ ଜଣେ ସିଭିଲ ଇଞ୍ଜିନିୟର। ଶେଷାଦ୍ରି କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଠିକ ଭାବେ ଚାଷ କରିବା ପାଇଁ ସେ ମଧ୍ୟ କୃଷି ବୈଜ୍ଞାନିକଙ୍କ ସହଯୋଗ ନେଇଥିଲେ ଏବଂ ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ବଡ଼କଥା ହେଉଛି ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଏଣ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ ସେ ଏହି ଚାଷ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ତାଙ୍କ ସଫଳତାର ବଡ଼ ଦିଗ ହେଉଛି ସେ ଗୋଟିଏ ବର୍ଷରେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। କେରଳରେ ସାଫ୍ରୋନ ଚାଷକୁ ବ୍ୟାପକ କରିବା ପାଇଁ ଶେଷାଦ୍ରି ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଅଗଷ୍ଟ ୧୯୭୬**

- ରାଜ୍ୟ ପ୍ରଦେଶ କଂଗ୍ରେସର ଏକ ନିଜସ୍ୱ ସମ୍ବିଧାନ ପ୍ରଣୟନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ସମବାୟ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ନୂତନ ଅଡିଟ୍ ଉପାଧି ପାଠ୍ୟକ୍ରମ ଆରମ୍ଭ କରାଯାଇଛି।

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ-ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଛରେ ଟିଣ ବିଜ୍ଞାପନ

ମହାଶୟ,
ରାସ୍ତାପାର୍ଶ୍ୱରେ ଥିବା ଗଛ ଦେହରେ ବିଭିନ୍ନ ସଂସ୍ଥାର ମୁଦ୍ରିତ ଟିଣରେ ନିର୍ମିତ ବିଜ୍ଞାପନ ମାନ ଲୁହାକଣ୍ଟାରେ ମରାହୋଇଥିବା ପରିଲକ୍ଷିତ ହେଉଛି। ବିଶେଷକରି ଘରୋଇ ଶିକ୍ଷାନୁଷ୍ଠାନ, ଗୁଟ୍‌ଖା ଓ ସିଗାରେଟ କମ୍ପାନୀର ବିଜ୍ଞାପନ ବେଶି ଦେଖିବାକୁ ମିଳୁଛି। ଏମାନେ ଗଛ କେବେ ଲଗାନ୍ତି ନାହିଁ। କିନ୍ତୁ ଗଛରେ କଣ୍ଟା ବାଡ଼େଇ ଟିଣ ବିଜ୍ଞାପନ ମାରିବା ଯୋଗୁ ଗଛର କ୍ଷତି ଘଟୁଛି। ଅନେକ କ୍ଷେତ୍ରରେ ଗଛ ମରିଯାଉଛି। ଏଣୁ ଏହି ବିଜ୍ଞାପନଦାତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

**- କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଘାଟିରେ ଓଲଟିଲା ଭ୍ୟାନ୍



ମୋହନା,୧୪।୮(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ନିକଟ ଚିଟିଂ ଘାଟିରେ ଭାରସାମ୍ୟ ହରାଇ ଗୁରୁବାର ଏକ ମ୍ୟାକ୍ସ ପିକ୍ଅପ୍ ଭ୍ୟାନ (ଓଆର୦୨ଏଏକ୍ସ-୭୭୬୭) ଗଛକୁ ପିଟି ଓଲଟି ପଡ଼ିଛି। ଭ୍ୟାନଟି କୌଣସି କାମରେ ଚନ୍ଦ୍ରଗିରିରୁ ମହେନ୍ଦ୍ରଗଡ଼ ଯାଉଥିବାବେଳେ ଭାରସାମ୍ୟ ହରାଇଥିଲା। ଏଥିରେ ଡ୍ରାଇଭର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଗାଡ଼ିରେ ଡ୍ରାଇଭରଙ୍କ ବ୍ୟତୀତ ଆଉ କେହି ନ ଥିଲେ। ଘଟଣା ସ୍ଥଳରେ ଚନ୍ଦ୍ରଗିରି ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠନ

ଜି.ଉଦୟଗିରି,୧୪।୮(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଠାରେ ପାଳିତ ହେବାକୁ ଥିବା ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ସର୍ବ ସମ୍ମତି ଅନୁସାରେ ସଭାପତି ଅରୁଣ ଷଡ଼ଙ୍ଗୀ, ଉପ ସଭାପତି ସଞ୍ଜୟ ଆଚାର୍ଯ୍ୟ, ସମ୍ପାଦକ ଭେଙ୍କଟଶ୍ ବେହେରା, ସହ ସଂପାଦକ ପ୍ରଶାନ୍ତ ମୁନି ଓ କୋଷାଧ୍ୟକ୍ଷ ଭାବେ ସନାତନ ଦାସ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ସଞ୍ଜୟ ସୁବୁଦ୍ଧି, ଚରଣ ବିଷୋୟୀ, ବିପିନ ମଲ୍ଲିକ, ନିରଞ୍ଜନ ପଣ୍ଡା, ସୁରେଶ ମହାପାତ୍ର ଓ ଉପଦେଷ୍ଟା ମଣ୍ଡଳୀରେ ଅନିଲ ପଟ୍ଟନାୟକ, ସମୀର କୁମାର ପାଢ଼ୀ, କାଳୁ ଚରଣ ପଣ୍ଡା ଓ ଏସ୍.ମନ ସନ୍ତୋଷ ପାତ୍ରଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ ଜି.ଉଦୟଗିରି ସହରର ସବୁ ବର୍ଗର ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇଥିଲେ। ଶାରଦୀୟ ଦୁର୍ଗାପୂଜା ଆୟୋଜନ ନିମନ୍ତେ ନୂତନ ସଭାପତି ଷଡ଼ଙ୍ଗୀ ସମସ୍ତଙ୍କ ସାହାର୍ଯ୍ୟ ଓ ସହଯୋଗ କାମନା କରିଥିଲେ।

### ନୃସିଂହନାଥ ସ୍ନାତକ କଲେଜରେ ସଂସ୍କୃତ ସପ୍ତାହ

ଛତ୍ରପୁର,୧୪।୮(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ମହାନାଦପୁର ପଞ୍ଚାୟତରେ ଥିବା ନୃସିଂହନାଥ ସ୍ନାତକ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ସପ୍ତାହ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଅଧ୍ୟାପିକା ଦୀପ୍ତିମୟୀ ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଶ୍ଳୋକ, ବକ୍ତୃତା, ହସ୍ତାକ୍ଷର ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଆ ବିଭାଗର ଅଧ୍ୟାପକ ସତ୍ୟ ଭୂଷଣ ପାଢ଼ୀ ପରିଚାଳନା କରିଥିଲେ । ଅଧ୍ୟାପିକା ସୁଦେଷ୍ଣା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ସହ ଛାତ୍ର ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା ନିମନ୍ତେ ଷ୍ଟାର୍ଟ ଅପ କାର୍ଯ୍ୟକ୍ରମ ହୋଇଥିଲା । ବିଚାରକ ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ଼. ବିକ୍ରମ କାମାକ୍ଷୀ ବ୍ରହ୍ମା ଯୋଗ ଦେଇଥିଲେ।

# ଦରମା ବନ୍ଦ ତାଗିଦା ସତ୍ତ୍ୱେ ଆନ୍ଦୋଳନରେ ଅମଲା

ଛତ୍ରପୁର,୧୪।୮(ଦିଲୀପ ସାମଲ):

**ଗଞ୍ଜାମ ଜିଲା**

ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ କରାଯିବ ବୋଲି ଅମଲା ସଂଘର ସମୂହ ଛୁଟି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ କଡା ତାଗିଦ କରିବା ପରେ ବି ଆନ୍ଦୋଳନ ଜାରି ରହିଛି। ୪ ଦିନ ହେଲା ଅମଲା ସଂଘର ଆନ୍ଦୋଳନ ଯୋଗୁ ରାଜସ୍ୱ କାର୍ଯ୍ୟାଳୟରେ କାମ ଠପ ହୋଇଯାଇଛି। ସରକାର ଏଥିରେ କ୍ଷୁବ୍ଧ ହୋଇ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆନ୍ଦୋଳନରତ ଅମଲାଙ୍କ ବିରୋଧରେ ପଦକ୍ଷେପ ନେବାକୁ ପରାମର୍ଶ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଚିଠି ଦେଇଛନ୍ତି। ଗଞ୍ଜାମ ଜିଲାରେ ମଧ୍ୟ ୬ ଶହରୁ ଅଧିକ ଅମଲା ଆନ୍ଦୋଳନ ଜାରି ରଖିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲାପାଳଙ୍କ ପରାମର୍ଶରେ ଅତିରିକ୍ତ ଜିଲ୍ଲାପାଳ ଅମଲା ମାନଙ୍କୁ ଛୁଟି ପ୍ରତ୍ୟାଖ୍ୟାନ କରି କାର୍ଯ୍ୟରେ ଯୋଗ ଦେବାକୁ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକରୀ, ଡୁଡା ପିଡି, ଗଞ୍ଜାମ ଓ ଭଞ୍ଜନଗର ଆରଟିଓ, ଜିଲା ଯୋଗାଣ ଅଧିକାରୀ, ଖଣି ଉପନିର୍ଦ୍ଦେଶକ, ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁର ଉପଜିଲ୍ଲାପାଳ, ସମସ୍ତ ତହସିଲଦାର, ବିଡ଼ିଓ, ଇଓ ସିଡିପିଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଚିଠିରେ ଜଣାଇଛନ୍ତି। ଯଦି କୌଣସି କର୍ମଚାରୀ ତୁରନ୍ତ କାର୍ଯ୍ୟରେ ଯୋଗ ନ ଦିଅନ୍ତି, ତେବେ ସମ୍ପୃକ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଉକ୍ତ ସମୟ ପାଇଁ ସେମାନଙ୍କର ଦରମା ବନ୍ଦ କରାଯିବ, ଏବଂ ଅନୁପସ୍ଥିତିକୁ ଅନଧିକୃତ ଭାବରେ ରେକର୍ଡ କରାଯିବ। ଏପରି ଅନଧିକୃତ ଅନୁପସ୍ଥିତି ପାଇଁ ଦାୟୀ ସମସ୍ତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି।

# ଲୋକଙ୍କ ଅଭିଯୋଗ ଶୁଣିବାକୁ ପଞ୍ଚାୟତ ଯିବେ ଅଧିକାରୀ

ଭଞ୍ଜନଗର,୧୪।୮(ବାବୁଲା ପ୍ରଧାନ)-

ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ଗଞ୍ଜାମ ଜିଲାପାଳ ଭି. କିର୍ତ୍ତିଭାସନ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଏଣିକି ଲୋକେ ଅଧିକାରୀଙ୍କ ପାଖକୁ ଅଭିଯୋଗ କରିବାକୁ ନିଜ ସମସ୍ୟା ଜଣାଇବାକୁ ସହରକୁ ଆସିବେ ନାହିଁ। ଅଧିକାରୀମାନେ ଏଣିକି ଲୋକଙ୍କ ପାଖକୁ ଯାଇ ଏସବୁ ଶୁଣିବେ। ଏନେଇ ଜିଲାପାଳ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉପ ଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ଆଇଆଇସିଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବେ। ଏହା ପୂର୍ବରୁ ଲୋକେ ଇ-ନିବେଦନ ପୋର୍ଟାଲରେ ଆବେଦନ କରିବେ। ପ୍ରତି ୭ ଦିନକୁ ଥରେ ଅଭିଯୋଗପତ୍ର ଉପରେ ସମୀକ୍ଷା ହେବ। ଆସନ୍ତା ସୋମବାରଠାରୁ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଆରମ୍ଭ ହେବ। କେଉଁ ସୋମବାର ଯେଉଁ ପଞ୍ଚାୟତରେ ଅଭିଯୋଗ ଶୁଣାଣି କରାଯିବ ତାହା ଅଧିକାରୀମାନେ ଧାର୍ଯ୍ୟ କରିବେ। ଉପଜିଲାପାଳ କାର୍ଯ୍ୟକ୍ରମକୁ ତଦାରଖ କରିବେ। ଏଥିସହ କେଉଁ ସୋମବାର କେଉଁ ବ୍ଲକ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅଧିକାରୀମାନେ ଅଭିଯୋଗ ଶୁଣାଣି କରିବେ ତାହାର ସୂଚୀ ଡିସେମ୍ବର ମାସ ପର୍ଯ୍ୟନ୍ତ ଜିଲାପାଳ ବାହାର କରିଛନ୍ତି। ଅନ୍ୟପକ୍ଷରେ ରାଜସ୍ୱ ଅମଲା ସଂଘ ବିଭିନ୍ନ ଦାବିନେଇ ଗତ ୧୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାରୁ ଉପ ଜିଲାପାଳ, ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟଗୁଡ଼ିକ ଅଚଳ ହୋଇପଡିଛି। ଲୋକେ ସରକାରୀ ସେବା ନ ପାଇ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଜିଲାପାଳ ଗୁରୁତ୍ୱ ଦେଇ ଏପରି ବ୍ୟବସ୍ଥା କରିଛନ୍ତି।

### ଶିଳ୍ପ କାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି କଲା କଂଗ୍ରେସ

ଛତ୍ରପୁର,୧୪।୮(ଦିଲ୍ଲୀପ ସାମଲ):

ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ସେଲ୍‌ର ସାଧାରଣ ସମ୍ପାଦକ ଭାଗିରଥି ବେହେରାଙ୍କ ନେତୃତ୍ୱରେ ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦର ଓ ଆଇଆର୍‌ଇଏଲ କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନିମନ୍ତେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କୁ ଏ ନେଇ ବାରମ୍ବାର ଅନୁରୋଧ କରିବା ସହ ବହୁବାର ବନ୍ଦର ଗେଟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି। କର୍ତ୍ତୃପକ୍ଷଙ୍କ ପକ୍ଷରୁ କେବଳ ମିଛ ପ୍ରତିଶ୍ରୁତି ମିଳୁଛି। ତେଣୁ ଗୁରୁବାର କଣମଣା ପଞ୍ଚାୟତବାସୀ ବେହେରାଙ୍କ ନେତୃତ୍ୱରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସ୍ଥାନୀୟ ବେକାରୀ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ନ ଦିଆଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ। ବୋଲି ବେହେରା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଚକ୍ରପାଣି ପଲେଇ, ପିସିସି ସଭ୍ୟ ଭବାନୀ ବେହେରା, କଣାମଣା ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ପ୍ରସାନ୍ତ ବେହେର, ପୂର୍ବତନ ସରପଞ୍ଚ ଟି. କ୍ରୀଷ୍ଣାରେଡ୍ଡୀ, ଆଦିତ୍ୟ ଦାସ, କାଳିଆ ରାହୁଳ, ବାବୁ ରାଓ, ଏଇ କାର୍ଯ୍ୟ କର୍ମରେ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଜିଲାପାଳ ଉଦ୍‌ଘାଟନ କଲେ ତ୍ରିରଙ୍ଗା ଯାତ୍ରା




ପାରଳାଖେମୁଣ୍ଡି,୧୪।୮(ଗିରିଧାରୀ ପରିଚ୍ଛା

ଗଜପତି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଘରେ ଘରେ ତ୍ରିରଙ୍ଗା ଅଭିଯାନର ବାଇକ୍ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ସମଗ୍ର ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ହେଉଥିବା ବେଳେ ଗଜପତି ଜିଲାର ସବୁ ବ୍ଲକ ଓ ପଞ୍ଚାୟତଗୁଡିକରେ ମଧ ଏହି ତ୍ରିରଙ୍ଗା ଅଭିଯାନ ଚାଲିଛି । ଏହି ଅବସରରେ ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲା ପ୍ରଶାସନ ପକ୍ଷରୁ ସକାଳ ୭ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଶେଷ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ମଧୁମିତା ଯୋଗଦେଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ସ୍ଥାନୀୟ ଅଞ୍ଚଳର ସମସ୍ତ ଜନସାଧାରଣ ସାମିଲ ହୋଇ ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଉପଜଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଜନସାଧାରଣ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି 'ଭାରତ ମାତା କି ଜୟ' ଏବଂ 'ହର ଘର ତ୍ରିରଙ୍ଗା' ଉପରେ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ ।

### ମିନି ମାରାଥନ ଦୌଡ଼ ପ୍ରତିଯୋଗିତା

ବାଲିଗୁଡ଼ା,୧୪।୮(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଉତ୍ସବ ପାଳନ କମିଟି ତରଫରୁ ମିନି ମାରାଥନ ଦୌଡ଼ ପ୍ରତିଯୋଗିତା ଗୁରୁବାର ପ୍ରତ୍ୟୁଷରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇଥିଲା। ଏଥିରେ ଉପଜିଲାପାଳ ପ୍ରଣୀତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଆଇଟିଡ଼ିଏ ପିଏ କୃପାସିନ୍ଧୁ ବେହେରା, ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଏବିଡିଓ ତଥା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ ବାଘ, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଶିକ୍ଷକ ତୀର୍ଥବାସୀ ଘଡାଇ ପ୍ରମୁଖଙ୍କ ଉପସ୍ଥିତିରେ ମହାବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ମହାଲକ୍ଷ୍ମୀ ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ଯାଇ ପୁଣି ସେଠାରୁ ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ।

# ନବୀକରଣ, ନୂତନ ଉଦ୍ୟୋଗ ପ୍ରତିଯୋଗିତା

ରାଇକିଆ,୧୪।୮ (ପ୍ରଦୀପ ବେହେରା)




କନ୍ଧମାଳ ଜିଲା ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ନବୀକରଣ ଓ ନୂତନ ଉଦ୍ୟୋଗ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ଭିତରେ ନୂତନ ଉଦ୍ୟୋଗୀକରଣ ଚିନ୍ତାଧାରାକୁ ଅଗ୍ରଗତି କରାଇବା ଓ ସ୍ୱାବଲମ୍ବୀ ସହିତ ଆତ୍ମନିର୍ଭର କରାଇବା ଏବଂ ଦେଶର ଅର୍ଥନୀତିର ପ୍ରଗତିରେ ସହାୟକ ହେବା ଉଦ୍ଦେଶ୍ୟରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପିକା ଲିଜାଲିନ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଉମାକାନ୍ତ ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଦିଲୀପ ବେହେରା ଯୋଗଦେଇ ବିକାଶଶୀଳ ରାଷ୍ଟ୍ରରେ ଉଦ୍ୟୋଗୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ନବୀକରଣ ଉଦ୍ୟୋଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସ୍ୱାଗତିକା ପ୍ରଧାନ ହଳଦୀ ଉତ୍ପାଦନ ଓ ପ୍ରକ୍ରିୟାକରଣ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଜ୍ୟୋତି ପ୍ରଧାନ ଓ ଜଗମୋହିନୀ ପ୍ରଧାନ ଦ୍ୱିତୀୟ ସ୍ଥାନ ଏବଂ ବିନୋଦ ଅର୍ଜଲି ଓ କିସାନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବେଣୁପାଣି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଡା.ସନ୍ତୋଷ ନାୟକ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋଲା ଚିଠି



ଡାକଘର ସମ୍ମୁଖରେ ଖୋଲା ଚିଠି ସହ କର୍ମୀମାନେ।

ଆସିକା,୧୪।୮(ସୁରେନ୍ଦ୍ର ନାଥ ସାହୁ):

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗୁରୁବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଛାତ୍ରୀ ବଳାତ୍କାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋଲାଚିଠି ପଠାଯାଇଛି। କର୍ମୀମାନେ ଶୋଭାଯାତ୍ରାରେ କଳିଙ୍ଗା ରୋଡସ୍ଥିତ ବିଜେଡି କାର୍ଯ୍ୟାଳୟରୁ ବାହାରି ଆସିକା ମୁଖ୍ୟ ଡାକଘରଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଚିଠି ପଠାଇଥିଲେ । ପୀଡିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କୁ କଠୋର ଦଣ୍ଡ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଂପାଦକ ମନୋଜ କୁମାର ଦୋରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅନିଲ କୁମାର ନାୟକ, ନିର୍ବାଚନ ମଣ୍ଡଳି ଯୁବ ବିଜେଡି ସଭାପତି ଜୟସେନ ସ୍ୱାଇଁ, ପ୍ରତାପ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର କୁମାର ମହାରଣା, କାହ୍ନୁଚରଣ ଦଳାଇ, ବିମଳ କୁମାର ପ୍ରଧାନ, ନିଗମାନନ୍ଦ ରାଉତଙ୍କ ସମେତ ଆସିକା ବିଜ୍ଞାନ ମହାବିଦ୍ୟାଳୟ, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ କେନ୍ଦୁପଦର କଲେଜର ଦଳୀୟ ଛାତ୍ରୀଛାତ୍ର ସାମିଲ ଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଲେ ଥାନାଧିକାରୀ



ଚକାପାଦ,୧୪।୮(ପ୍ରତାପ କିଶୋର ବେହେରା)

ଟିକାବାଲି ଥାନାରେ ବୁଧବାର ୧୦୦ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ଥାନାଧିକାରୀ ପ୍ରଜ୍ଞା ରିତାମ୍ଭତ କର ବୁଝାଇଥିଲେ। ଛାତ୍ରୀଛାତ୍ର ଥାନା ଭିତରେ କଏଦୀ ମାନଙ୍କୁ କିପରି ରଖାଯାଉଛି, ମାଲଖାନା କ'ଣ, ଅପରାଧୀ ମାନଙ୍କୁ କିପରି ନିୟନ୍ତ୍ରଣ କରାଯାଉଛି, ପୋକ୍‌ସୋ ନିୟମ, ବିଭିନ୍ନ ଧାରା ବିଷୟରେ ପଚାରି ବୁଝିଥିଲେ। ଛାତ୍ରୀ କିମ୍ବା ଛାତ୍ର ମାନଙ୍କର କିଛି ସମସ୍ୟା ହେଲେ ବିନା ସଙ୍କୋଚରେ ଥାନାକୁ ଆସି ଅଭିଯୋଗ କରିବା ସହ ପୋଲିସ ତୁମର ବନ୍ଧୁ ବୋଲି କୁହାଯାଇଥିଲା। ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏପରି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା।

# ସଜେଇ ହେଉଛି କଫି ବଗିଚା



କଫି ବଗିଚାର ସ୍ୱାଗତ ମଞ୍ଚ।

ଦାରିଙ୍ଗବାଡ଼ି,୧୪।୮ (ଅରୁଣ ସାହୁ)

ଦାରିଙ୍ଗବାଡ଼ିକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା କଫି ବଗିଚାକୁ ଏବେ ବିଭାଗ ଦୃଷ୍ଟି ଦେବା ଆରମ୍ଭ କରିଛି। ଯେଉଁ ବଗିଚାକୁ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ଆସନ୍ତି ତାର ରକ୍ଷଣ ବେକ୍ଷଣ ଅଭାବ ଯୋଗୁ ଆଉ ଅର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁ ନ ଥିଲା। ପର୍ଯ୍ୟଟକ ଟିକେଟ ସଂଗ୍ରହ କରି ବଗିଚା ଭିତରକୁ ବୁଲିବାକୁ ଯାଇ ନିରାଶ ହୋଇ ଫେରୁଥିଲେ। କିନ୍ତୁ ଏବେ ଦାୟିତ୍ୱରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗ ଏହାକୁ ରୂପାନ୍ତର କରୁଛି। ବିଭିନ୍ନ ବୃକ୍ଷକୁ କାଟି ଦେଖିବାକୁ ପ୍ରାଣୀଧନ ସଦୃଶ୍ୟ କରାଯାଉଛି। ପର୍ଯ୍ୟଟକଙ୍କ ପାଇଁ ସ୍ୱାଗତ ମଞ୍ଚକୁ ଅତି ସୁନ୍ଦର ଭାବେ ନିର୍ମାଣ କରାଯାଉଛି। ଆଲୋକିକରଣ ସମେତ ସେଲ୍ଫି ପଏଣ୍ଟ କଫି ବଗିଚା ଭିତରେ ଥିବା ରାସ୍ତାର ୨ପାର୍ଶ୍ୱରେ ବିଭିନ୍ନ ଫୁଲ ଗଛ ସହ ଗୋଷ୍ଠୀ ଶୌଚାଳୟ ଆଉଟ୍‌ଲେଟ୍ ଗୃହ ଆଦି ନିର୍ମାଣ କରାଯାଉଛି। ଏବେ ରୂପାନ୍ତର କାର୍ଯ୍ୟ ଚାଲିଥିବା ସମୟରେ କାଫିବାଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଛି। ଏହି କାର୍ଯ୍ୟ ସାରିବା ପରେ ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରିବ ବୋଲି କୁହାଯାଉଛି।

# ଭଞ୍ଜନଗରରେ ହେବ ଜାତୀୟସ୍ତରୀୟ ଷ୍ଟାଡିୟମ୍

ଭଞ୍ଜନଗର,୧୪।୮(ବାବୁଲା ପ୍ରଧାନ):



ବିଧାୟକ ସମୀକ୍ଷା କରୁଛନ୍ତି।

ଭଞ୍ଜନଗର ହେଉଛି ରାଜ୍ୟର ଏକ ବଡ ଉପଖଣ୍ଡ। ଜିଲା ସଂଖ୍ୟା ବୃଦ୍ଧି ସମୟରେ ଏହି ଉପଖଣ୍ଡ ଜିଲା ମାନ୍ୟତା ପାଇବାର ଥିଲା। କିନ୍ତୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କୌଣସି କାରଣରୁ ଉପଖଣ୍ଡବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ନ ଥିଲେ। ଅଞ୍ଚଳବାସୀ ଘୁମୁସର ଜିଲା ମାନ୍ୟତା ପାଇବାରୁ ବଞ୍ଚିତ ହେଲେ। ଏବେ ବି ଏହି ସହରର ଅନେକ ବିକାଶ ଆବଶ୍ୟକ କରୁଛି। ସେଥିମଧ୍ୟରେ ଜାତୀୟସ୍ତରରେ ଏକ ଖେଳ ପଡିଆ ଦରକାର। ସହରରେ ଥିବା ପଡ଼ିଆଟି ଏକ ବେସରକାରୀ ଅନୁଷ୍ଠାନ ହାତରେ। ଉକ୍ତ ପଡ଼ିଆର ବର୍ତ୍ତମାନ କମିଟି କର୍ମକର୍ତ୍ତା କିଏ ଅଛନ୍ତି ସହରବାସୀ ଜାଣନ୍ତି ନାହିଁ। ଅନ୍ୟପଟେ କେଏସୟୁବି କଲେଜ ପଡିଆରେ ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରର ଖେଳ ହେଲା ଭଳି ଭିତ୍ତିଭୂମି ନାହିଁ। ଭଞ୍ଜନଗର ଅଞ୍ଚଳର ଅନେକ ଫୁଟବଲ, କ୍ରିକେଟ କ୍ରୀଡାବିତ୍ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଅନ୍ୟାନ୍ୟ କ୍ରୀଡାରେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ଭାଗନେଇ ଗୌରବ ଆଣିଛନ୍ତି। ଭଞ୍ଜନଗରରେ ଜାତୀୟସ୍ତରୀୟ ଖେଳ ପଡିଆ ପାଇଁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦ୍ୟମ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟକୁ ଲାଗି ଏକ ଜାତୀୟସ୍ତରୀୟ ଖେଳ ପଡିଆ ହେବ। ବିଧାୟକ ନାୟକ ଗୁରୁବାର କଲେଜ ପରିଦର୍ଶନରେ ଆସି କ'ଣ ସବୁ ବିକାଶ ହୋଇପାରିବ ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ୧୬ ତାରିଖରେ କଲେଜରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅଛି। ସେଥିରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମ ଯେଭଳି ସଫଳ ହେବ ବିଧାୟକ ସମୀକ୍ଷା କରିଥିଲେ। ବିଧାୟକଙ୍କ ଗସ୍ତ ବେଳେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ରଥ, ହର ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ସଂସ୍କୃତ ଦିବସ ପାଳିତ

ଧରାକୋଟ,୧୪।୮
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ ଯୋଗ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୌରି ଶଙ୍କର ବେହେରା, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ଏସ୍ଏମ୍‌ସି ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ନାୟକ, ଧରାକୋଟ କ୍ଲଷ୍ଟର ସିଆର୍‌ସିସି ଜଗନ୍ନାଥ ପଢ଼ିଆରୀ, ବିଦ୍ୟାଳୟର ବରିଷ୍ଠ ଗଣିତ ଶିକ୍ଷକ ବିଧୁଭୂଷଣ ରାଉତ ତଥା ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ମଞ୍ଚାସିନ ଅତିମାନେ ସଂସ୍କୃତ ଭାଷାର ପ୍ରାଚୀନ କାଳରୁ ରହିଥିବା ମହତ୍ତ୍ୱବିଷୟରେ ପିଲାଙ୍କୁ ଅବଗତ କରାଇଥିଲେ। ଛାତ୍ର ଛାତ୍ରୀ ମାନେ ସଂସ୍କୃତ ଭାଷାରେ ଭାଷଣ, ଶ୍ଳୋକ ପାଠ, ସଂସ୍କୃତ ସଙ୍ଗୀତ ତଥା ନାଟକ ଦାରା ସଂସ୍କୃତ ଭାଷାର ପ୍ରଚାର ପ୍ରସାର କରିଥିଲେ।

# ସିଡ୍‌ବଲ୍ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି ଅଭିଯାନ

ଜଗନ୍ନାଥପ୍ରସାଦ,୧୪।୮(ବିଭୁ ପ୍ରସାଦ ପଟ୍ଟନାୟକ)



କାର୍ଯ୍ୟକ୍ରମରେ ଉପସ୍ଥିତ ବନ ଅଧିକାରୀ, ସ୍ୱାତୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗ୍ରାମବାସୀ ।

ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ବନାଞ୍ଚଳର କ୍ରିୟାଧର ଓ ନାରାୟଣପଲ୍ଲି ବନ ସୁରକ୍ଷା ସମିତି ବର୍ତ୍ତମାନ ଏକ ଉଲ୍ଲେଖନିୟ ପଦକ୍ଷେପ ନେଇଛି। ବନ ଉନ୍ନୟନ ପ୍ରକଳ୍ପ ଓ ସ୍ୱାତୀ ଅନୁଷ୍ଠାନର ମିଳିତ ସହଯୋଗରେ ମାଟି ଓ ଜୈବିକ ଖତର ସମିଶ୍ରଣରେ ସିଡ୍‌ବଲ୍ ପ୍ରସ୍ତୁତ କରି ଏହାକୁ ସୁଖାଇ ଜଙ୍ଗଲରେ ପକାଇ ନୂତନ ଜଙ୍ଗଲ ସୃଷ୍ଟି କରିବା ଏକ ପ୍ରଶଂସନିୟ ପଦକ୍ଷେପ ହାତକୁ ନେଇଛି। ଜଗନ୍ନାଥପ୍ରସାଦ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ୨ ବନ ସୁରକ୍ଷା ସମିତି ଯଥା କ୍ରିୟାଧର ଓ ନାରାୟଣପଲ୍ଲିର ସଭାପତି ପିତାମ୍ବର ଜାନି ଓ ରାମ ଚନ୍ଦ୍ରସାହୁଙ୍କ ନେତୃତ୍ୱରେ ପୃଥକ ଭାବେ ୧୦୦ରୁ ଉର୍ଦ୍ଧ୍ୱ ବନ ସୁରକ୍ଷା ସମିତି ସଭ୍ୟା, ସଭ୍ୟ ସହିତ ପିଲାମାନଙ୍କୁ ନେଇ ଜଙ୍ଗଲକୁ ପ୍ରବେଶ କରିଥିଲେ। ପ୍ରଥମେ ମାଟି ଦେବତା ଓ ବୃକ୍ଷ ଦେବତାକୁ ପୂଜା କରି ଅନ୍ୟନ୍ୟ ୧୪୦୦ ସିଡ ବଲକୁ ଜଙ୍ଗଲର ଖାଲିଥିବା ସ୍ଥାନରେ ବିକ୍ଷିପ୍ତ ଭାବରେ ପକାଇଥିଲେ। ସଭାପତି ଓ ଗ୍ରାମବାସୀଙ୍କ କହିବା ମୁତାବକ ବନ ବିଭାଗ ଅଧିକାରୀଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସ୍ୱାତୀ ଅନୁଷ୍ଠାନର ସହଯୋଗ ମାଧ୍ୟମରେ ପ୍ରଥମ ଥର ପାଇଁ ତାଲିମ ଗ୍ରହଣ କରି ଏହାକୁ ବ୍ୟବହାର କରାଯାଇଛି। ବନ ସୁରକ୍ଷା ସମିତିର ସଭ୍ୟା ସଭ୍ୟମାନେ ମାଟି, ଗୋବର ଓ ଜିଆଖତ ସହିତ ଅସନ, ଚମ୍ପା, ଜାମୁ, ଲିମ୍ବ ଇତ୍ୟାଦି ମଞ୍ଜିକୁ ନେଇ ଗୁଳା ପ୍ରସ୍ତୁତ କରିଥିଲେ। ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ ହରିଶଙ୍କର ରାଉତଙ୍କ ମତରେ ଏହା ଏକ ଅଭିନବ ପ୍ରୟାସ ଯାହା ଦ୍ୱାରା ବିନା ଖର୍ଚ୍ଚରେ ଜଙ୍ଗଲ ଦୃତଗତିରେ ବୃଦ୍ଧି ଲାଭ କରିପାରିବ। ସ୍ୱାତୀର ବରିଷ୍ଠ କର୍ମୀ ପ୍ରଦୀପ ସ୍ୱାଇଁ ଓ କାର୍ଯ୍ୟରତ ପ୍ରକଳ୍ପ କର୍ମକର୍ତ୍ତା ଶିଶିର ଦାଶ, ନୟନା ମୁଦୁଲି, ନିଖିଲ ସ୍ୱାଇଁ ଓ ନାରାୟଣ ପଣ୍ଡିତ ସହ ବନରକ୍ଷୀ କ୍ଷେତ୍ରବାସୀ ମହାକୁଡ ଓ କିସାନ ମଲ୍ଲିକ ଶିକ୍ଷା ପ୍ରଦାନ ସହିତ ଏହି ଅଭିନବ ଅଭିଯାନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବିଭିନ୍ନ ପ୍ରାନ୍ତରେ ଏହାକୁ ଅଧିକରୁ ଅଧିକ କରିବା ପାଇଁ ପ୍ରକଳ୍ପ କର୍ମକର୍ତ୍ତା ମାନେ ଖସଡା ପ୍ରସ୍ତୁତ କରିଥିଲେ। ଏହି ଅଭିଯାନକୁ ତ୍ୱରାନିତ କରିବା ପାଇଁ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଏସିଏଫ୍ ଡା.ରଶ୍ମିରଞ୍ଜନ ସ୍ୱାଇଁ ଓ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ରାଣି ପଣ୍ଡା ମତବ୍ୟକ୍ତ କରିବା ସହିତ ସମସ୍ତ ବନ ସୁରକ୍ଷା ସମିତିକୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

# ଜିନ୍ଦଲ ଷ୍ଟିଲ୍ କର୍ମଚାରୀଙ୍କ ପକ୍ଷରୁ ୨କୋଟିର ଆର୍ଥିକ ସହାୟତା

ଭୁବନେଶ୍ୱର,୧୪।୮ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀଙ୍କ ପକ୍ଷରୁ ପ୍ରାୟ ୨କୋଟି ଟଙ୍କାର ଆର୍ଥିକ ସହାୟତା ରାଶି କେନ୍ଦ୍ର ପ୍ରତିରକ୍ଷା ବିଭାଗକୁ ପ୍ରଦାନ କରାଯାଇଛି। ବିଶେଷକରି ସ୍ୱାଧୀନତାର ୭୯ତମ ପୂର୍ତ୍ତି ଉତ୍ସବର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀମାନେ ଦେଶଭକ୍ତିର ନିଦର୍ଶନ ସ୍ୱରୂପ ଅପରେଶନ ସିନ୍ଦୁରର ସଫଳତା ଉପଲକ୍ଷେ ପ୍ରଭାବିତ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଏହି ସହାୟତା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ପହଲଗାମ୍‌ରେ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତୀୟ ସେନାର ବୀର ସୈନିକମାନେ ୨୦୨୫ ମେ ମାସରେ ଅପରେଶନ ସିନ୍ଦୁର ଆରମ୍ଭ କରିଥିଲେ। ଏପରିକି ପାକିସ୍ତାନ ସୀମାରେ ପଶି ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସକରି ଦେଶର ସମ୍ମାନ ବଢ଼ାଇଥିଲେ। ଦେଶ ପ୍ରତି ଭାରତୀୟ ସେନାର ଏହି ସର୍ବୋଚ୍ଚ ଯୋଗଦାନ ପାଇଁ ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଯୁଦ୍ଧରେ ପ୍ରଭାବିତ ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଗୋଟିଏ ଦିନର ଦରମା ପାଖାପାଖି ୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅପରପକ୍ଷରେ କୁରୁକ୍ଷେତ୍ରର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗୁରୁବାର ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି କର୍ମଚାରୀଙ୍କ ଏହି ଅନୁଦାନ ରାଶି ୨ କୋଟି ଟଙ୍କାର ଚେକ୍ ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି।

ଏ ନେଇ ଜିନ୍ଦଲ କହିଛନ୍ତି, ଆମ ସୈନିକ ଆମ ଦେଶର ପ୍ରକୃତ ରକ୍ଷକ। ଏପରିକି ସେମାନଙ୍କ ସାହସ, ତ୍ୟାଗ ଓ ଭାରତର ସୁରକ୍ଷା ପ୍ରତି ସେମାନଙ୍କ ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି। ଜିନ୍ଦଲ ଷ୍ଟିଲ ପରିବାରର ଏହି ଯୋଗଦାନ ସେମାନଙ୍କ ସେବା ମନୋଭାବକୁ ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ସାଥିରେ ଠିଆହେବାର ବିନମ୍ର ପ୍ରୟାସ କରିଛି। ଏହି ସହଯୋଗ ଜିନ୍ଦଲ ଷ୍ଟିଲ୍‌ର ସେହି ପରମ୍ପରାର ଅଂଶ ବୋଲି କୁହାଯାଇଛି। ଯେଉଁଥିରେ କମ୍ପାନୀ ସବୁବେଳେ କଷ୍ଟକର ସମୟରେ ଦେଶ ଓ ଦେଶର ରକ୍ଷକଙ୍କ ସହ ଛିଡ଼ା ହୋଇଛି। କୋଭିଡ୍-୧୯ ସମୟରେ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ପିଏମ୍ କେୟାର୍ସ ଫଣ୍ଡକୁ ମଧ୍ୟ ୨୫କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୪।୮

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୮ (୫୭.୭୫) ପଏଣ୍ଟ ବୃଦ୍ଧି ଘଟି ୮୦,୫୯୮ (୮୦,୫୯୭.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୨ (୧୧.୯୫) ପଏଣ୍ଟ ବଢି ୨୪,୬୩୧ (୨୪,୬୩୧.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ୍, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଅରୁନ୍ଧତୀ ମୋବାଇଲ ଆପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୮




ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅରୁନ୍ଧତୀ ମୋବାଇଲ ଆପ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ମୋବାଇଲ ଆପ୍‌କୁ ସମସ୍ତ ଗ୍ରାହକବନ୍ଧୁ, ଶୁଭେଚ୍ଛୁ ଓ ପ୍ରଶଂସକଙ୍କ ପାଇଁ ଆନୁଷ୍ଠାନିକ ଭାବେ ଉନ୍ମୋଚନ ମଧ କରାଯାଇଛି। ଏହା ମାଧ୍ୟମରେ ଗ୍ରାହକବନ୍ଧୁ ଘରେ ବସି ମୋବାଇଲ ମାଧ୍ୟମରେ ଅରୁନ୍ଧତୀ ଜୁଏଲର୍ସର ୧୦,୦୦୦ ରୁ ଊର୍ଦ୍ଧ୍ୱ ଏକ୍ସକ୍ଲୁସିଭ ଗହଣା ଡିଜାଇନ୍‌ର ଶ୍ରେଷ୍ଠ କଲେକ୍ସନ୍‌ର ପ୍ରଦର୍ଶନୀ ଓ କ୍ରୟ କରିବାର ସୁଯୋଗ ଏହି ଅଫିସିଆଲ ଆପ୍ ଦ୍ୱାରା ମଧ ପାଇପାରିବେ। ଏହି ଆପ୍ ମାଧ୍ୟମରେ ଗ୍ରାହକବନ୍ଧୁ ସୁନା, ରୁପା, ହୀରା ଗହଣାର ପ୍ରତିଦିନ ବଜାର ଦର ନିରୀକ୍ଷଣ କରିବା ସହ ଅରୁନ୍ଧତୀ ଜୁଏଲର୍ସର ଆଡଭାନ୍ସ ପରଚେଜ ପ୍ଲାନ୍‌ରେ ମଧ ନିଜକୁ ପଞ୍ଜୀକରଣ କରି ମାସିକ କ୍ରୟ ସହ ଅରୁନ୍ଧତୀର ସମସ୍ତ ପ୍ରମୁଖ ଅଫର ସମ୍ବନ୍ଧରେ ମଧ ଆବଶ୍ୟକ ସୂଚନା ଏହି ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଜରିଆରେ ଗ୍ରାହକ ପାଇପାରିବେ। ଏପରିକି ପ୍ଲେଷ୍ଟୋରରେ ଉପଲବ୍ଧ ଅରୁନ୍ଧତୀ ଜୁଏଲର୍ସର ଅଫିସିଆଲ ଆପ୍‌କୁ ସମସ୍ତେ ଡାଉନଲୋଡ୍ କରିପାରିବେ। ଏ ନେଇ ଅରୁନ୍ଧତୀ ଗ୍ରୁପର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ଗ୍ରାହକ ବନ୍ଧୁଙ୍କ ସେବା ଅରୁନ୍ଧତୀର ପ୍ରାଥମିକତା ହୋଇଥିଲାବେଳେ ସେହି ପ୍ରାଥମିକତା ଏହି ନୂତନ ମୋବାଇଲ ଆପ୍ ମାଧ୍ୟମରେ ମଧ ଜାରି ରହିବ। ଏପରିକି ଗ୍ରାହକ ବନ୍ଧୁଙ୍କ ଉପକାରିତା ଦିଗରେ ଏହା ବିଶେଷ ଭାବେ କାର୍ଯ୍ୟ କରିବ ଏବଂ କାରବାର ସମ୍ବନ୍ଧରେ ଆବଶ୍ୟକ ସୂଚନା ପ୍ରଦାନ କରିବ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ।

# ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୧୪।୮

ଟାଟା ପାୱାରର ନୂତନ ଅଭିଯାନ ''ସୁରକ୍ଷା କବଚ' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛଇ। ବିଶେଷ କରି ସୁରକ୍ଷା ଏବଂ ପରିଚାଳନା ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମଗୁଡ଼ିକ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ କରିଛନ୍ତି। ଏହି ପ୍ରଯୁକ୍ତି ସମ୍ବଳିତ ସୁରକ୍ଷା ପ୍ରାଚୀର ଓଡିଶାରେ ହାଇ ଟେନ୍‌ସନ୍ (ଏଚ୍‌ଟି) ନେଟୱର୍କ କାର୍ଯ୍ୟଗୁଡିକୁ କିପରି ନିର୍ବାହ କରାଯାଉଛି, ତାହାକୁ ପୁନର୍ଗଠନ କରିଥିବାବେଳେ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ପଦ୍ଧତିକୁ ଏକ ଦୃଢ଼ ଡିଜିଟାଲ୍ ଢାଞ୍ଚା ଅଧୀନରେ ସୁରକ୍ଷା ପ୍ରୋଟୋକଲ୍ ପାଳନ ସହିତ ସଂଯୋଜିତ କରିଛି। ସୁରକ୍ଷା କବଚ ହେଉଛି ଏକ ସମ୍ପୂର୍ଣ୍ଣ ଟୁଲ୍ ଯାହା ବିଦ୍ୟୁତ ବଣ୍ଟନ କାର୍ଯ୍ୟଗୁଡିକର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ସୁରକ୍ଷା ଏବଂ ପରିଚାଳନାକୁ ଏକତ୍ରୀତ କରିଛି। ଏଚ୍‌ଟି ଲାଇନ୍ ଉପରେ ପ୍ରତ୍ୟେକ କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ୍ ମାଧ୍ୟମରେ ଏକ ଡିଜିଟାଲ୍ ପରମିଟ୍ ସୁରକ୍ଷିତ କରିବା ପରେ ହିଁ ନିର୍ବାହ କରାଯାଉଛି, ଯାହା ଦ୍ୱାରା ସୁରକ୍ଷା ପ୍ରୋଟୋକଲ୍ ଦୈନନ୍ଦିନ କାର୍ଯ୍ୟରେ ସଂଯୋଜିତ ହୋଇପାରିଛି। ଏହି ପ୍ରଣାଳୀରେ ଏମ୍ବେଡେଡ୍ ଉପକରଣ ଡାଟାବେସ୍, ପ୍ରି-ମାପିଂ ଅନୁମୋଦନ, ଢ଼ାଂଚାଗତ ସୁରକ୍ଷା ଚେକଲିଷ୍ଟ, ଏବଂ ଏସଏମ୍ଏସ୍ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ବାସ୍ତବ ଯୋଗାଯୋଗ ସୁବିଧା ଆଦି ସାମିଲ ରହିଛି ଯାହା ଏକ ଶୂନ୍ୟ-ସମାଧାନ ସୁରକ୍ଷା ସଂସ୍କୃତିକୁ ଆଗକୁ ବଢ଼ାଉଛି। ଏହା ଏକ ସମାଧାନ ପ୍ରସ୍ତୁତ କରୁଛି ଯାହା ପରିଚାଳନା ଆଧୁନିକୀକରଣ କରିବା ସମୟରେ କର୍ମଚାରୀ ଏବଂ ଗ୍ରାହକ ସୁରକ୍ଷାକୁ ପ୍ରାଥମିକତା ଦେଉଛି।

# ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର

## ହୋଟେଲ ଦ ନ୍ୟୁ ମାରିୟନ୍‌ରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ

ଭୁବନେଶ୍ୱର,୧୪।୮



ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ସିଲ୍କ ଇଣ୍ଡିଆ'ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପୁନମ୍ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୨୦୨୫ ଅଗଷ୍ଟ ୧୪ରୁ ୨୫ ପର୍ଯ୍ୟନ୍ତ ସକାଳ ୧୦ ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନ୍' ଥିମ୍ ସହିତ ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ଏଥ୍‌ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏ ସମ୍ପର୍କରେ ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି, ଏହି ୧୨ ଦିନିଆ ହସ୍ତତନ୍ତ ପ୍ରଦର୍ଶନୀର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ସୁଲଭ ମୂଲ୍ୟରେ ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର ପାଇପାରିବେ।

# ଜୀବନ ରୂପାନ୍ତରଣରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତା

ଭୁବନେଶ୍ୱର,୧୪।୮

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଅଭିନବ ସିଏସ୍‌ଆର୍ ଅଭିଯାନ ପ୍ରୋଜେକ୍ଟ ଦକ୍ଷ ଓ ଓଡ଼ିଶା ଗ୍ରିନ୍ ଜବ୍‌ସ ଏକାଡେମୀ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣୁଛି। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଯୁବବର୍ଗ ଓ ମହିଳାମାନଙ୍କ ଦକ୍ଷତା ବିକାଶ କରି ନିଯୁକ୍ତି ଓ ଆର୍ଥିକ ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରୁଛି। ୨୦୨୩ ରେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅନୁଗୁଳ, ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ଟିପିସିଓଡିଏଲ୍‌ର ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ (ଭିଟିସି) ସ୍ୱଳ୍ପକାଳୀନ ଶିଳ୍ପ ସମନ୍ୱିତ ପାଠ୍ୟକ୍ରମ ପ୍ରଦାନ କରୁଛି, ଯାହା ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱର୍କ (ଏନ୍‌ଏସ୍‌କ୍ୟୁଏଫ୍)ର ତୃତୀୟ ସ୍ତର ମାନକକୁ ପୂରଣ କରୁଛି। ଏହି ତାଲିମ ପାଠ୍ୟକ୍ରମରେ ପାଇପ କାମ, ବିଦ୍ୟୁତ ଯାନ ସେବା ଓ ସୋଲାର ପ୍ୟାନେଲ୍ ସ୍ଥାପନ ଭଳି ପ୍ରବଳ ଚାହିଦାରେ ଥିବା ଦକ୍ଷତା ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ୍ ୪୪୦ ଯୁବକ ଓ ଯୁବତୀଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଶ୍ରେଷ୍ଠ କମ୍ପାନିଗୁଡ଼ିକରେ ମଧ ନିଯୁକ୍ତି ମିଳିଛି। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ସ୍ଥାନୀୟ ଦକ୍ଷତା ଗଠନ ଏବଂ ମହିଳାଙ୍କ ସମେତ ଯୁବବର୍ଗଙ୍କୁ ସଶକ୍ତ କରିବାରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଟିପିସିଓଡିଏଲ୍‌ର ଏହି ଧନ୍ଦାମୂଳକ ତାଲିମ ଅଭିଯାନ ଅଧିକ ଲୋକଙ୍କ ପାଖରେ ପହଞ୍ଚି ଏବଂ ବର୍ଦ୍ଧିତ ପ୍ରଭାବ ସହ କେବଳ କ୍ୟାରିୟର ଗଠନ କରୁ ନାହିଁ ବରଂ ଜୀବନରେ ରୂପାନ୍ତରଣ ଆଣିବାରେ ସହାୟକ ହୋଇଛି ବୋଲି ସେ କହିଛନ୍ତି।

# ଡ. ଶରତ କୁମାର ସାହୁଙ୍କୁ ଜୀବନବ୍ୟାପୀ ପୁରସ୍କାର

ଭୁବନେଶ୍ୱର,୧୪।୮




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା 'ରୁଚି' ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଡ. ଶରତ କୁମାର ସାହୁଙ୍କୁ ନିକଟରେ ଆଉ ଏକ ସମ୍ମାନଜନକ ସ୍ୱୀକୃତି 'ସତ୍ୟ ସ୍ୱାଇଁ ସ୍ମାରକୀ' ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ସଂଘ (ଓଏଏସ୍‌ଏମ୍‌ଇ/ଓସ୍‌ମେ) ର ୪୦ ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଶିଷ୍ଟ ଉଦ୍ୟୋଗୀ ତଥା ରୁଚିର ଏମ୍‌ଡି ଡ. ଶରତ କୁମାର ସାହୁଙ୍କୁ ସମ୍ମାନଜନକ ସତ୍ୟ ସ୍ୱାଇଁ ସ୍ମାରକୀ ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ସଂଘର ପ୍ରତିଷ୍ଠା ଦିବସ ଓ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଡ୍‌କୋର ଏମ୍‌ଡି ଡି.ପ୍ରଶାନ୍ତ କୁମାର ରେଡ୍ଡୀ, ଶିଳ୍ପ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରୱଣେ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ପି.କେ.ଗୁପ୍ତା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡ. ସାହୁଙ୍କ ପକ୍ଷରୁ ତାଙ୍କ ଧର୍ମପତ୍ନୀ ତଥା ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଏହି ଶିଳ୍ପ ସଂଘର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ସତ୍ୟ ସ୍ୱାଇଁଙ୍କ ଧର୍ମପତ୍ନୀ ଅରୁନ୍ଧତୀ ସ୍ୱାଇଁ, ଅଧ୍ୟକ୍ଷ ଗୌରୀଶଙ୍କର ଦାଶ ଓ ମହା ସଚିବ ଇଂ. ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ରାଜ୍ୟର ଶିଳ୍ପ ଓ ଉଦ୍ୟୋଗୀ ଜଗତର ବହୁ ପ୍ରତିଷ୍ଠିତ ଉଦ୍ୟୋଗୀ ଯୋଗଦେଇଥିଲେ।

# କାନାରା ବ୍ୟାଙ୍କ ପକ୍ଷରୁ ମେଗା ମେଧାବୃତ୍ତି ବଣ୍ଟନ



ଭୁବନେଶ୍ୱର,୧୪।୮

କାନାରା ବ୍ୟାଙ୍କର ବହୁ ପ୍ରତୀକ୍ଷିତ ଛାତ୍ରବୃତ୍ତି 'କାନାରା ବିଦ୍ୟା ଜ୍ୟୋତି ସ୍କଲାରଶିପ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ମେଗା ମେଧା ବୃତ୍ତି (କାନାରା ବ୍ୟାଙ୍କ ଡା. ଆମ୍ବେଦକର ବିଦ୍ୟାଜ୍ୟୋତି ସ୍କଲାରଶିପ୍) ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏବଂ ଜିଲ୍ଲା କଲ୍ୟାଣ ଅଧିକାରୀ ଛତ୍ରପୁର ସୁରେଶ ଚନ୍ଦ୍ର ଜିତବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସେହିଭଳି କାନାରା ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଶୈକ ମହବୁବଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତକରିବା ସହ ସେ ଏହି ମେଧାବୃତ୍ତି ଯୋଜନା ଏବଂ କାନାରା ବ୍ୟାଙ୍କ ବିଷୟରେ ବିସ୍ତୃତ ଭାବେ ବିବରଣୀ ରଖିଥିଲେ। ସେହିପରି ପ୍ରତି ବର୍ଷ କାନାରା ବ୍ୟାଙ୍କ ଦ୍ୱାରା ଏହି ବୃତ୍ତି ଦିଆଯାଉଛି। ଏପରିକି ଏହି ଯୋଜନା ମାଧ୍ୟମରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀମାନଙ୍କୁ ମେଧା ବୃତ୍ତି ପ୍ରଦାନ କରାଯାଇଥାଏ।

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ବାଳିକାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଉତ୍ସାହ ସୃଷ୍ଟି କରିବା ଏବଂ ଏହାର ନିରନ୍ତରତା ବଜାୟ ରଖିବା। ଏହି ଛାତ୍ରବୃତ୍ତି ରାଶି କାନାରା ବ୍ୟାଙ୍କ ଦ୍ୱାରା ଛାତ୍ରୀମାନଙ୍କ ଏସ୍‌ବି ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପାସ୍‌ବୁକ୍‌ଗୁଡିକ ମଧ ହସ୍ତାନ୍ତର କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଡିଏମ୍ ସମ୍ବିତ ଶତପଥୀ, ଡିଏମ୍. ଡି ସୂର୍ଯ୍ୟନାରାୟଣ, ସଂସାଧନ ବିଭାଗର ମୁଖ୍ୟ ପାର୍ଥପ୍ରତିମ ପାଢ଼ୀ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଭାଗର ମୁଖ୍ୟ ମମତା ମହାପାତ୍ରଙ୍କ ସମେତ ରବିନାରାୟଣ ମୋହିନୀ ଓ ବିଭିନ୍ନ ସ୍କୁଲର ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।


ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

EXPRESSION OF INTEREST (EOI)
No.4756 / Jatani, Date- 12.08.2025

**No.C-870:**The Executive Officer, Jatni Municipality, invites sealed Expression of Interest (EOI) from registered and reputed Technical Experts/Consultants/Firms having valid Income Tax Return, GST Registration and Company Registration Certificates to submit technical and financial proposals for **Preparation of Detailed Project Reports (DPRs) under Young Gamechangers Initiative (YGI) in Jatni for implementation of design and beautification plans for two identified public spaces of (1) Mundia Sahi Park & Ground in Ward 7; (2) Maa Uttarayanee Youth Club Ground in Ward 11.** The last date and time for receipt of EOI is dt.25.08.2025 at 03.00 PM and the bids will be opened on the same day at 04.00 PM in the chamber of the Executive Officer, Jatni Municipality, Jatni, in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0044/2526 Sd./- Executive Officer, Jatni Municipality



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

NOTICE INVITING EXPRESSION OF INTEREST
No.4751 / Jatani, Date- 12.08.2025

**No.C-869:**The Executive Officer, Jatni Municipality, invites reputed Consultants/ Organisations having valid Income Tax Return, GST Registration and Organisation Registration Certificates to submit technical and financial proposals for Developing Training Package for Capacity Building of Youth on Planning, Designing and Governance of Public Spaces under Young Gamechangers Initiative (YGI) in Jatni. The last date and time for receipt of proposals is dt.25.08.2025 at 02.30 PM and the bids will be opened on the same day at 04.30 PM in the chamber of the Executive Officer, Jatni Municipality, Jatni in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0045/2526 Sd./- Executive Officer, Jatni Municipality



O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION, NABARANGPUR
e-mail : dhionab@gmail.com (06858-222057)

Tender No. : 8145 Date : 13.08.2025

**No.E-312** : Sealed tenders are invited from registered, reputed and experienced Agencies /Firms/ Individuals for **engagement of Vehicle on Monthly hiring basis at O/o CDM & PHO Nabarangpur,1 vehicle ( Mahindra Neo/Scorpio) for DPMU NHM wing**. Interested_bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of tender must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 03.09.25 by 5.00 PM only** through Speed post/ Regd Post/Courier only and the bids, so received will be opened on 04.09.25 at 11:00 AM in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum
District Mission Director
NHM Nabarangpur
OIPR-10164/11/0009/2526



OFFICE OF THE PANCHAYAT SAMITI, NARSINGHPUR
Dist : Cuttack - 754032

QUOTATION CALL NOTICE
NO-4126 Date-11.08.2025

**No.i-271** : Sealed quotations are invited from the intending registered firms/ Nurseries & suppliers for supply of Saplings, gabion and fertilisers to 37 nos of GP points of Narsinghpur Block. The prescribed quotation schedule can be obtained from the office of the Block Development Officer, Narsinghpur on payment of Rs-2000/- (Rupees two thousand only) + GST @18% (non-refundable) in shape of cash/ bank draft/ bankers cheque drawn in favour of the Block Development Officer, Narsinghpur payble at Narsinghpur from any nationalised bank from date 14.08.2025 to 22.08.2025 upto 11.00 A.M during office hour except holidays.

The quotation paper along with all documents should reach the undersigned by Regd. Post/ speed post/ courier service or by person on or before date 22.08.2025 upto 01.00 P.M. The quotation will be opened on the same date at 3.30 P.M in presence of the quotationer or their authorised representative if any. The undersigned will not be responsible for any delay in receipt of the quotation paper. The quotation received beyond the schedule date and time will not be considered at all. All items and conditions may be seen in the quotation schedule.
The undersigned has the right to accept, cancel or reject any or all the quotations without assigning any reason thereof.

Sd./- Block Development Officer
Narasinghpur Block, Dist-Cuttack
OIPR-19046/11/0006/2526



BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail : bedaengineers@gmail.com
Phone No. 0680 2292797
NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB)
No.CAD-1447
No.414/BeDA (Engg.), Dt.11.08.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Water Sports Complex at Sonapur, Ganjam | EM-BeDA-12/2025-26 | 288.00 | "B" Class or Equivalent | 09 (Nine) Calendar Months | 13.08.2025 10.00 Hours | 29.08.2025 17.30 Hours | Engineer Member Brahmapur Development Authority |

- All corrigendum and addenda shall be published in official website only.
- The Bidder shall have to participate in **ON LINE** bidding only.
- Last date for seeking clarification - **Dt.25.08.2025** up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on **Dt.30.08.2025** at 11 Hours.

Sd./- ENGINEER MEMBER
Brahmapur Development Authority, Brahmapur
OIPR-13086/11/0008/2526



GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR
No.O-585
e-mail ID : eerwrairangpur@yahoo.com
"e"-Procurement Notice for Road Works
Bid Identification No. - RWDRRP-05-2025-26

1. Name of the work : Periodical maint of post DLP road SH 49 to Aharbandh Neorendraposi Raihari to Jaldiha ODR to Bhagabandi RD road to Sanbantha RD road to Bhanjasara road RD road to Tamalbandh Bijatala to Dumadihi road for the year 2025-26, 2. Estimated Cost : Rs.92.63 lakhs (approximately), 3. Class of Contractor : "B" Class or relevant of works license, 4. Period of Completion : 03 (Three) calendar months, 5. Tender Paper Cost : Rs.10,000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W Division, Rairangpur | RWDRRP-05/2025-26 | 14.08.2025 at 11.00 A.M. | 30.08.2025 up to 5.00 P.M. | 29.08.2025 up to 5.00 P.M. | 01.09.2025 at 11.30 A.M. | Will be intimated later |

Further details can be seen from the website : www.tendersodisha.gov.in

Sd./- Er. Sanjeet Naik
Executive Engineer, R.W. Division, Rairangpur
OIPR-25107/11/0025/2526



GOVERNMENT OF ODISHA No.i-270
OFFICE OF THE PANCHAYAT SAMITI DHARMASALA, JAJPUR
'E' Procurement Notice No. Tender Online 01DMSL/2025-26

1. **Name of work** : **Building Works**
2. **Total No of Work** : 6 No. of Work
3. **Estimated Cost (Approx.)** : Rs.13.94 lakhs - Rs.15.09 lakhs
4. **Period of Completion** : 180 days
5. **Class of contractors** : C & D

**Other details as follows**
a) Procurement Officer : Block Development Officer, Dharmasala, Jajpur
b) Availability of tender online & submission of bid : 16.08.2025 at 11.00 AM to 01.09.2025 up to 5.00 PM
c) Last date & time of seeking of tender clarification : 30.08.2025 up to 5.00 PM
d) Opening of Tender : 02.09.2025 at 11.00 A.M.

Further details can be seen from the Govt. website **www.tendersodisha.gov.in**

Sd./- Block Development Officer
Dharmasala
OIPR-19216/11/0002/2526


See Career Appointment on every Wednesday & Saturday

# ବାପା, ସାବତ ମା'ଙ୍କ ବିରୋଧରେ ହତ୍ୟା ମାମଲା

**ନିମାପଡ଼ାରେ ଦଶମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣା**

**ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ମୃତା ଛାତ୍ରୀଙ୍କ ମା'ଙ୍କ ଥାନାରେ ଧାରଣା**

ନିମାପଡ଼ା,୧୪।୮ (ବିଶ୍ବାନନ୍ଦ ସାହୁ)

ପୁରୀ ଜିଲ୍ଲା ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି।ଝିଅ ଆତ୍ମହତ୍ୟା କରିନାହିଁ ବରଂ ତାଙ୍କୁ ବାପା, ସାବତ ମା' ଏବଂ ଅନ୍ୟମାନେ ମିଶି ହତ୍ୟା କରିଛନ୍ତି ବୋଲି ମା' ସତ୍ୟଭାମା ପ୍ରଧାନ ବୁଧବାର ବିଳମ୍ବିତ ରାତିରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରାଧଷରେ ଗୁରୁବାର ଝିଅର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ସତ୍ୟଭାମା ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ମୃତା ଛାତ୍ରୀଙ୍କ ମା' ଧାରଣାରୁ ହଟିଛନ୍ତି। ଏହି



ଥାନା ସମ୍ମୁଖରେ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ପ୍ରଧାନ।

ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଅଣ୍ଡିଆସାହି ଗ୍ରାମରେ ବୁଧବାର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ନିମାପଡ଼ା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ମୃତା ଛାତ୍ରୀଙ୍କ ବାପା ମାନସ ପ୍ରଧାନ ଝିଅ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୧/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହେଲେ ବିଳମ୍ବିତ ରାତିରେ କୋଣାର୍କରେ ରହୁଥିବା ମୃତା ଛାତ୍ରୀଙ୍କ ନିଜ ମା' ସତ୍ୟଭାମା ଥାନାରେ ପହଞ୍ଚି ଝିଅକୁ ତା' ବାପା ମାନସ,ସାବତ ମା' ଖୁସି, ବଡ଼ବାପା ସନ୍ତୁଆ ପ୍ରଧାନ, ବଡ଼ବୋଉ ଝିଲ୍ଲି ପ୍ରଧାନ ମିଳିମିଶି ହତ୍ୟା କରିବା ପରେ ଘରର ଆଜବେଷ୍ଟସ୍ ଓଉଠରେ ଝୁଲାଇ ଦେଇଥିବା ନେଇ ଅଭିଯୋଗ କରିଥିଲେ। ସତ୍ୟଭାମାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଗୁରୁବାର ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ଆଇଆଇସି ବାସଦେବ ସ୍ବାଇଁଙ୍କୁ ପଚାରିବାରେ, ମୃତା ଛାତ୍ରୀଙ୍କ ନିଜ ମା'ଙ୍କ ଅଭିଯୋଗକୁ ଆଧାର କରି ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ପ୍ରକାଶ ଯେ, ପାରିବାରିକ କଳହ କାରଣରୁ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ଅନେକ ୪ ବର୍ଷ ହେବ ବାପ ଘର କୋଣାର୍କ ଥାନା ଅନ୍ତର୍ଗତ ମାଧିପୁରଠାରେ ରହୁଛନ୍ତି।

**ପାରିବାରିକ କଳହରୁ ଅଭାବନୀୟ ଘଟଣା**

# ଜ୍ବାଇଁଙ୍କୁ ଗାଁ ଦାଣ୍ଡ ଖୁଣ୍ଟରେ ବାନ୍ଧି ପିଟିଲେ

ଆର.ଉଦୟଗିରି,୧୪।୮
(ମନୋଜ କୁମାର ପାଢ଼ୀ)

ପାରିବାରିକ କଳହକୁ କେନ୍ଦ୍ରକରି ଗଜପତି ଜିଲା ଆର. ଉଦୟଗିରିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅଲଗା ରହୁଥିବା ଜ୍ବାଇଁଙ୍କୁ ଶ୍ୱଶୁର ଘର ଲୋକେ ଗାଁ ଦାଣ୍ଡରେ ଖୁଣ୍ଟରେ ବାନ୍ଧି ନିସ୍ଠୁକ ମାଡ଼ ମାରିଛନ୍ତି। ରାତିସାରା ଖୁଣ୍ଟରେ ବନ୍ଧା ହୋଇ ରହିବା ପରେ ଗୁରୁବାର ଖବର ପାଇ ପୋଲିସ ପହଞ୍ଚି ଜ୍ବାଇଁ ଜଳନ୍ତ ବଳିଆରସିଂଙ୍କୁ ଉଦ୍ଧାର କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଜିଲାର ଅଡବା ଥାନା ଅନ୍ତର୍ଗତ ଗରଡ଼ମା ଗାଁରେ।



ଗରଡ଼ମା ଗାଁରେ ଏକ ଖୁଣ୍ଟରେ ବନ୍ଧାଯାଇଥିବା ଜଳନ୍ତ।

ଖବରରୁ ଜଣାପଡିଛି, ଗରଡ଼ମା ଗାଁର ସୁଭଦ୍ରା ମାଳବିଷୋୟୀ ଗତ ତିନିବର୍ଷ ତଳେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ବୁଡ଼ିଶିଳ ଗାଁର ଜଳନ୍ତଙ୍କୁ ବିବାହ କରିଥିଲେ। ତେବେ ପାରିବାରିକ କଳହ ଯୋଗୁ ସୁଭଦ୍ରାଙ୍କୁ ତାଙ୍କ ବାପଘର ଲୋକେ ଗତ ୧୧ ମାସ ତଳେ ନିଜ ଘରକୁ ନେଇ ଆସିଥିଲେ। ଏ ସମ୍ପର୍କରେ ଉଭୟ ପରିବାର ଥାନାରେ ଅଭିଯୋଗ କରିବାରୁ ଏକ ମାମଲା ରୁଜୁ ହୋଇ ଏହା କୋର୍ଟରେ ବିଚାରାଧୀନ ଅଛି। ଏପରି ସ୍ଥଳେ ଜଳନ୍ତ ବୁଧବାର ବୁଡ଼ିଶିଳ ଗାଁରୁ ରାଶନ ଚାଉଳ ଆଣିବାକୁ ଗରଡ଼ମା ଗାଁକୁ ଆସିଥିଲେ। ଏହା ଜାଣିବା ପରେ ସୁଭଦ୍ରାଙ୍କ ପରିବାର ଲୋକେ ଓ କେତେ ଜଣ ଗ୍ରାମବାସୀ ସେଠାରେ ପହଞ୍ଚି ଜଳନ୍ତଙ୍କୁ ମାଡ଼ ମାରିବା ସହ ଗାଁ ଦାଣ୍ଡରେ ଥିବା ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ସେପରି ଅବସ୍ଥାରେ ମଧ୍ୟ ସେମାନେ ତାଙ୍କୁ ପୁଣି ମାଡ଼ ମାରିଥିଲେ। ବନ୍ଧା ଯାଇଥିବା ଅବସ୍ଥାରେ ଜଳନ୍ତ ରାତିସାରା ରହିଥିଲେ। ତେବେ କୌଣସି ସୂତ୍ରରୁ ଖବରପାଇ ଅଡବା ପୋଲିସ ପହଞ୍ଚି ସୁଭଦ୍ରାଙ୍କ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଜଳନ୍ତଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

# ବଳାତ୍କାର ଅଭିଯୋଗରେ ଏସ୍ଆଇ ଗିରଫ

ଫୁଲବାଣୀ, ୧୪।୮ (ରାକେଶ କୁମାର ରାଉତ)

ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ କନ୍ଧମାଳ ଜିଲା କୋଟଗଡ଼ ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଏସ୍ଆଇ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ କଟକର ସ୍ମୃତି ସାଗର ସାମଲ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ୧୪ ଦିନ ପାଇଁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସ୍ମୃତି ପୂର୍ବରୁ ଗୋଚ୍ଛାପଡା ଥାନାରେ କାର୍ଯ୍ୟ କରୁଥିଲେ। ଗୋଚ୍ଛାପଡା ଥାନା ପାଖରେ ଜଣେ ହୋମଗାର୍ଡଙ୍କ ସ୍ତ୍ରୀଙ୍କର ଭେରାଇଟି ଷ୍ଟୋର ରହିଛି । ସ୍ମୃତି ପ୍ରତ୍ୟେକ ଦିନ ଉକ୍ତ ଦୋକାନକୁ ଯାଇ ସମ୍ପୃକ୍ତା ମହିଳାଙ୍କୁ ଅଶ୍ଳୀଳ କମେଣ୍ଟ ମାରୁଥିଲେ। ଏପରିକି ସେ ଜଣେ ଅଫିସର, ତାଙ୍କର ଦରମା ଅଧିକ ବୋଲି କହି ତାଙ୍କୁ ବିବାହ କରିବାକୁ କହୁଥିଲେ। ୨୦୨୪ ମେ'ରେ ଦୋକାନରେ କେହି ନ ଥିବାର ସୁଯୋଗ ନେଇ ସମ୍ପୃକ୍ତା ମହିଳାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ । ଏହାପରେ ବିଭିନ୍ନ ସମୟରେ ବାରମ୍ବାର ବଳାତ୍କାର କରୁଥିଲେ । ମହିଳା ବିରୋଧ କଲେ ତୋ ସ୍ୱାମୀକୁ ମାରିଦେବି ବୋଲି ଧମକ ଦେଉଥିଲେ । ଏ ନେଇ ମହିଳା ଜଣକ ତତ୍କାଳୀନ ଥାନାଧିକାରୀଙ୍କୁ ଜଣାଇଥିଲେ। ହେଲେ ଏସ୍ଆଇ ସ୍ମୃତିଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଗତ ବୁଧବାର ପୁଣି ମହିଳା ଜଣକ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଗୁରୁବାର ସ୍ମୃତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବୁଧବାର ମାମଲା ରୁଜୁ ପରେ ଏସ୍ଆଇ ସ୍ମୃତିଙ୍କ ସହ ଯୋଗଯୋଗ କରିବାରୁ ସେ କହିଥିଲେ, ଗୋଚ୍ଛାପଡା ଥାନାରେ କାମ କଲା ବେଳେ ବହୁ ଗଞ୍ଜେଇ ଜବତ କରିଛି । ହୋମଗାର୍ଡମାନେ ପ୍ରତ୍ୟକ୍ଷ ଭାବେ ଗଞ୍ଜେଇ କାରବାରରେ ଲିପ୍ତ ଅଛନ୍ତି । ଏ କଥା ଏସ୍ପିଙ୍କୁ ଜଣେଇଛି। ଆକ୍ରୋଶ ରଖି ସମ୍ପୃକ୍ତା ମହିଳା ତାଙ୍କ ବିରୋଧ ଏଭଳି ଅଭିଯୋଗ କରିଥିବା କହିଛନ୍ତି।


**OCPL** Odisha Coal and Power Limited

## ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

### NOTICE INVITING TENDER

**NIT No.: OCPL/SER-213/2025** **Date: 15.08.2025**

Sealed bids in prescribed format are invited from professional Contractor/Agency/Firm for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of Bid |
|---|---|---|---|---|---|
| 1 | Construction of Football Playground with other Facilities at Tamian and Lathor in Patnagarh, under the Balangir District of Odisha | Rs.2,360/- (Rupees Two Thousand Three Hundred and Sixty only) including GST | 15.08.2025 | 25.08.2025 | 03.00 P.M./ 03.30 P.M. on 08.09.2025 |

For further details, bidders may visit our website, i.e., **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

boyanika **No. CAD-1453**
**EXPRESSION OF INTEREST**

**No. 2218** **Dt. 13.08.2025**
**Name of the work:-** Expression of Interest for Display of Hoardings for Boyanika in different places at Odisha. **The last date & time for submission of offers 06.09.2025 at 2.00 P.M.** Refer website for details- **www.boyanika.com**. All the information on this EOI will be available in the above website from 15.08.2025.
**SD/ Managing Director Boyanika**
**OIPR-31004/11/0118/2526**

**MCL** ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

**ବିଜ୍ଞପ୍ତି**
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5267

### OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR
No.O-583
E-Mail : eerw_gm1@yahoo.co.in
Government of Odisha e-Procurement Notice
**Bid Identification No. Online Tender//03//SERWDG-I//2025-26**
Letter No. 3759//RWDG-I//BAM//Date : 11.08.2025

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.50.39 Lakhs to Rs.50.84 Lakhs |
| 3 | Period of Completion | : | 09 (Nine) Calendar Months as shown in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 19.08.2025 at 11.00 AM to 30.08.2025 upto 6.00 PM |
| 5 | Last Date / Time for Receipt of Bids in the Portal | : | 29.08.2025 up to 6.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Divison-I, Ganjam, Berhampur |

Further details can be seen from the e-procurement portal website **https://www.tendersodisha.gov.in.**
**Sd./- Executive Engineer R.W Division No-I Ganjam, Berhampur**
**OIPR-25085/11/0028/2526**

### WORKS DEPARTMENT OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION
No.B-367
e-mail : eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No. SE 17 OF 2025-26**
1. Nature of work : **Building Work**
2. Number of works : **12 (Twelve)**
3. Amount put to Tender : **Rs.77,80,000.00 to 64,34,200.00**
4. Class of Contractor : **B Class**
5. Date & Time of availability of bid document in the portal : **Dt.18.08.2025 at 10.00 AM**
6. Last Date / Time of receipt of bid in the portal : **Dt.29.08.2025 up to 04.00 PM**
7. Date of opening of bid : **Dt.30.08.2025 at 11.00 AM**
8. Name & address of the Office inviting bid : **Superintending Engineer, Rairangpur (R&B) Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http// tendersodisha.gov.in"**. All future corrigendum will be available on ONLINE mode only.

**Sd./- Superintending Engineer Rairangpur (R&B) Division**
**OIPR-34041/11/0011/2526**

### Government Of Odisha "E" Procurement Notice
No.B-387
### OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO. - II
E-mail ID : eepwd765017@gmail.com, Phone - (06856)233066
**Short Bid Identification No. : RC (RANDB) RGD No.-II 04/2025-26 (Online tender)**
**No.4274** **Dated : 06.08.2025**
ଉତ୍ତର-ପଶ୍ଚିମ ଏବଂ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ସଂଲଗ୍ନ ଅଞ୍ଚଳ ଉପରେ ଲଘୁଚାପ ସକ୍ରିୟ ରହିଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉପରେ ଦକ୍ଷିଣ ଆଡ଼କୁ ଢଳି ରହିଛି। ଶୁକ୍ରବାର ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ସେହିପରି ମୌସୁମୀ ଟ୍ରଫ ଏବେ ହାରାହାରି ସମୁଦ୍ର ପତ୍ତନରେ ବିକାନେର, ବନସ୍ଥଳୀ, ଗୁନା, ଦାମୋହ, ବିଳାସପୁର, କଳିଙ୍ଗପଟନମ ଓ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଅତିକ୍ରମ କରୁଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି।









# ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅଶାନ୍ତ

ବ୍ରହ୍ମପୁର, ୧୪।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଅଶାନ୍ତ ହୋଇପଡ଼ିଛି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ। ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ପତିଆରା ଜାହିର କରିବାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଜୀବନକୁ ବିପଦ ଦର୍ଶାଇ ଟାଉନ ଥାନାରେ କରାଯାଇଥିବା ଅଭିଯୋଗ ପ୍ରକାରେ ପୋଲିସ ପହଞ୍ଚି ୪ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା

## ଦୁଇଗୋଷ୍ଠୀ ମୁହାଁମୁହିଁ, ଥାନାରେ ମାମଲା

କରିଛି। ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ କିଛି ବରିଷ୍ଠ ବୁଧବାର ବିଶ୍ୱବିଦ୍ୟାଳୟର ରହିଥିବା ହ୍ୱାଟସଅପ ଗ୍ରୁପ ସହ ବ୍ୟକ୍ତିଗତ ନମ୍ବରରେ ଧମକପୂର୍ଣ୍ଣ ମେସେଜ କରିଥିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏନେଇ ଉକ୍ତ ଛାତ୍ରଜଣଙ୍କ ବୈଦ୍ୟନାଥପୁର ଥାନାରେ ବୁଧବାର ଅଭିଯୋଗ କରିଥିଲେ। ଗୁରୁବାର ସକାଳେ କ୍ୟାମ୍ପସରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ଥିତିକୁ ଆୟତ୍ତ କରିବା ପାଇଁ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀର ଚାରିଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ପ୍ରତିପକ୍ଷ ଗୋଷ୍ଠୀର କିଛି ଛାତ୍ରଙ୍କ କହିବା ଅନୁଯାୟୀ ଉକ୍ତ ଛାତ୍ରଜଣଙ୍କ ବିନା ୟୁନିଫର୍ମରେ କ୍ୟାମ୍ପସରେ ପ୍ରବେଶ କରୁଥିବା ଦେଖି ଅଣଛାତ୍ରଙ୍କ ପ୍ରବେଶରେ ବିଦ୍ୟାର୍ଥୀଙ୍କ ସୁରକ୍ଷାକୁ ବିପଦ ମନେ କରି ଆଲୋଚନା କରିବା ସମୟରେ ଉତକ୍ଷିପ୍ତ ହେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନଥିବା ବେଳେ ଏହି ପ୍ରକାର ଘଟଣା ଶିକ୍ଷାନୁଷ୍ଠାନରେ ଅତ୍ୟନ୍ତ ନିନ୍ଦନୀୟ ବୋଲି ସହରର ବହୁ ଶିକ୍ଷାବିତ୍ କହିଛନ୍ତି।

## ସଂକ୍ଷେପରେ

### ପିଟିଲେ, ନେଇଗଲେ ଟଙ୍କା ଓ ମୋବାଇଲ

ବ୍ରହ୍ମପୁର, ୧୪।୮ (ସୁବାସ ଚନ୍ଦ୍ର ପାଢ଼ୀ)
ସହରରେ ଏବେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୃଥକ ଥାନାରୁ ଦୁଇଜଣ ଯୁବକଙ୍କୁ ମାଡ଼ମାରି ସେମାନଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଲୁଟି ନେଇଛନ୍ତି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ପଶ୍ଚିମବଙ୍ଗ ମିର୍ଜାପୁର ଅଞ୍ଚଳର କୌଣସି କାମରେ ୩ଜଣ ବ୍ରହ୍ମପୁର ଆସିଥିଲେ। ଗତ ୧୧ ତାରିଖ ସନ୍ଧ୍ୟାରେ ସନ୍ତୋଷ ଓ ତାଙ୍କର ଦୁଇସାଙ୍ଗ ଓଁପ୍ରକାଶ ଓ ଅଙ୍କିତ ବାଇକରେ ଯାଉଥିଲେ। ଜଗଦଳପୁର ନିକଟରେ ତିନିଜଣ ଯୁବକ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ସେମାନେ ଏହାର ପ୍ରତିବାଦ କରିଥିଲେ। ପରେ ଦୁର୍ବୃତ୍ତମାନେ ସନ୍ତୋଷ ଓ ତାଙ୍କ ସାଙ୍ଗକୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସେମାନଙ୍କ ପାଖରେ ଥିବା ଗୋଟିଏ ମୋବାଇଲ, ୩ହଜାର ଟଙ୍କା ନେଇଯାଇଥିଲେ। ସେମାନେ ଏନେଇ ଗତ ୧୨ ତାରିଖରେ ନିମଖଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୫୦/୨୫ ରେ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଆଙ୍କୁଶପୁର ଗ୍ରାମର ନନ୍ଦନ ବେହେରା ଓ ତାଙ୍କ ସାଙ୍ଗ ଅଭିଷେକ ବେହେରା ବ୍ରହ୍ମପୁରରେ କାମ ସାରି ବାଇକରେ ଘରକୁ ଫେରୁଥିଲେ। ରାତ୍ର ପ୍ରାୟ ୯ଟା ସମୟରେ ଜଗଦଳପୁର ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ସେମାନଙ୍କୁ ଭୟଭୀତ କରି ତାଙ୍କ ମୋବାଇଲ ଲୁଟି ନେଇଥିଲେ। ପରେ ଲୁଟର ଶିକାର ହୋଇଥିବା ଯୁବକ ଜଣଙ୍କ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ନଂ.୨୫୧/୨୫ ରେ ଏକ ମାମଲା ରୁଜୁ କରିଛି। ତଦନ୍ତ ଜାରି ରହିଛି।

### ବ୍ରହ୍ମପୁରରେ ପ୍ରଥମ ଥର ଆୟୋଜନ ହେବ ସର୍ବଭାରତୀୟ ବାସ୍କେଟବଲ ଟୁର୍ନାମେଣ୍ଟ

ବ୍ରହ୍ମପୁର, ୧୪।୮ (ସୁବାସ ଚନ୍ଦ୍ର ପାଢ଼ୀ)
ବ୍ରହ୍ମପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଖେଳପଡିଆରେ ସ୍ୱାଧୀନତା ଦିବସ ଅବସରରେ ସର୍ବଭାରତୀୟ ବାସ୍କେଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ବ୍ରହ୍ମପୁର ଠାରେ ଆୟୋଜିତ ହେବାକୁ ଥିବା ଟୁର୍ନାମେଣ୍ଟ ୧୭ ତାରିଖ ପର୍ଯ୍ୟନ୍ତ ଦିବାରାତ୍ର ଚାଲିବ ବୋଲି ବାସ୍କେଟବଲ ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ତାମିଲନାଡୁ ଓ କୋଲକତାର ଦକ୍ଷିଣ-ପୂର୍ବ ରେଳବାଇ, ଛତିଶଗଡ ଓ ବିଳାସପୁର ସମେତ ଓ ରାଉରକେଲା, କଟକ, ଓ ଜୁନିୟର ଟିମ ଏବଂ ଗଂଜାମ ଦଳ ସାମିଲ ହୋଇଛନ୍ତି। ଲିଗ୍ କମ୍ ନକ ଆଉଟ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ୧୭ରେ ଅନୁଷ୍ଠିତ ହେବ। ବିଜେତା ଦଳକୁ ୫୦ ହଜାର ଓ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ପୁରସ୍କାର ରାଶି ରଖା ଯାଇଥିବା ଅଲ ଇଣ୍ଡିଆ ଟୁର୍ନାମେଣ୍ଟର ଅଧ୍ୟକ୍ଷ ଅଶୋକ କୁମାର ସାହୁ, ସଂପାଦକ ଶରତ ଚନ୍ଦ୍ର ମହାପାତ୍ର ଓ ବିଜୟଭାସ୍କର ସିଂହସାମନ୍ତ ସୂଚନା ଦେଇଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବ୍ରହ୍ମପୁର, ୧୪।୮ (ସୁବାସ ଚନ୍ଦ୍ର ପାଢ଼ୀ)
ନିମଖଣ୍ଡି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ଧର୍ମପ୍ରାଣା ମହିଳା ପ୍ରତିମା ପାଣିଗ୍ରାହୀଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ସେ ସହଧର୍ମଣୀ ତଥା ଡାକ୍ତର(ପ୍ରଫେସର)ସମ୍ପିତ କୁମାର ପଣ୍ଡାଙ୍କ ମାତା। ତାଙ୍କ ମୃତ୍ୟୁରେ ଶରଧାବାଲି ବାସିନ୍ଦାମାନେ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ, ପୁତ୍ର, ପୁତ୍ର ବଧୂ ନାତି, ନାତୁଣୀ ଉପସ୍ଥିତ ଥିଲେ। ଅଳକା ପୁରୀ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଶରଧାବାଲି ୱେଲଫେୟାର ଆସୋସିଏସନ ସଭାପତି, ସମ୍ପାଦକ ଓ ସଭ୍ୟମାନେ ଶୋକ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

### ଭାଜପା ପକ୍ଷରୁ ତ୍ରିରଙ୍ଗା ସଚେତନତା ପଦଯାତ୍ରା

ଶେରଗଡ଼, ୧୪।୮ (ସୂର୍ଯ୍ୟ ନାରାୟଣ ଦାଶ)
ଶେରଗଡ଼ରେ ଭାଜପା ପକ୍ଷରୁ ତ୍ରିରଙ୍ଗା ପତାକା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ନେତା ଓ କର୍ମୀମାନେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚି ହାତରେ ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ ସ୍ଲୋଗାନ ଦେଇ ପଦଯାତ୍ରା ଆରମ୍ଭ କରିଥିଲେ। ଶେରଗଡ଼ ବଡ଼ଦାଣ୍ଡ ସାହି, ରମୁଣିସାହି, ବାଇପାସ ସାହି ପରିକ୍ରମା କରିଥିଲେ। ଉଦୟ ପ୍ରଧାନ, ଜୟଦେବ ଜେନା, ସଞ୍ଜୟ ଜେନା, ବିଜୟ ବିଶ୍ୱାଳ, ଜିତେନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ପଦଯାତ୍ରା ହୋଇଥିଲା।

# ତ୍ରିରଙ୍ଗା ଯାତ୍ରାରେ ସାମିଲ ହେଲେ ମନ୍ତ୍ରୀ



ଗୋପାଳପୁର, ୧୪।୮ (ନବୀନ ରାଜ ଆଚାରୀ)
ଭାଜପା ପକ୍ଷରୁ ଗୁରୁବାର ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ବାହାରିଥିବା ବିଶାଳ ତ୍ରିରଙ୍ଗା ଯାତ୍ରାରେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସାମିଲ ହୋଇଥିଲେ। ଯୁବନେତା ସୁନୀଲ କୁମାର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଳନ୍ଥରାସ୍ଥିତ ବନ୍ଦେ ମାତରଂ କାର୍ଯ୍ୟାଳୟ ଉପରେ ମନ୍ତ୍ରୀ ତ୍ରିରଙ୍ଗା ପତକା ଉଡାଇଥିଲେ। ପରେ ମନ୍ତ୍ରୀଙ୍କ ନେତୃତ୍ୱରେ ଶତାଧିକ ଲୋକ ତ୍ରିରଙ୍ଗା ଧରି ବାଇକ ଶୋଭାଯାତ୍ରାରେ ଗୋପାଳପୁର ଏନ୍ଏସି ନିକଟରେ ପହଞ୍ଚିଥିଲେ। ତ୍ରିରଙ୍ଗା ହେଉଛି ଆମ ଦେଶର ଗର୍ବ। ଏକତାର ସାମୁହିକ ପ୍ରତି ଭାବନା ବୋଲି କୁହାଯାଇଥିଲା। ମନ୍ତ୍ରୀଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ବିନୋଦ ଚନ୍ଦ୍ର ମିଶ୍ର, କୋଳଥିଗାଁ ସରପଞ୍ଚ ଭାଜପା ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଗୋପୀନାଥ ମହାରଣା, ଅଶ୍ୱିନୀ ପାତ୍ର, ପ୍ରମୋଦ ଜେନା, ରଜତ ପଣ୍ଡିତ, ଗୌରୀ ସାମନ୍ତରାୟ, ମନ୍ତ୍ରୀଙ୍କ ରଙ୍ଗେଇଲୁଣ୍ଡା ବ୍ଲକ ପ୍ରତିନିଧି ବୁଲୁ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ଏଡିଜେ-୨ କୋର୍ଟକୁ ଗଲା ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲା

ବ୍ରହ୍ମପୁର, ୧୪।୮ (ସୁବାସ ଚନ୍ଦ୍ର ପାଢ଼ୀ)
ଏଣିକି ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ୍ ଦ୍ୱିତୀୟ(ଏଡିଜେ-୨) କୋର୍ଟରେ ଗୋପାଳପୁର ଗଣବଳାତ୍କାର ମାମଲାର ବିଚାରଣା ହେବ। ଗୁରୁବାର ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ କୋର୍ଟରୁ ଏହି ମାମଲାଟି ଏଡିଜେ-୨ କୋର୍ଟକୁ ସ୍ଥାନାନ୍ତର ହୋଇଛି। ପୂର୍ବରୁ ଏହି ମାମଲାଟି ଜେଏମଏଫସି(ଗ୍ରାମୀଣ) କୋର୍ଟରେ ରହିଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଚାର୍ଜସିଟ ଦାଖଲ କରାଯିବା ପରେ କମିଟମେଣ୍ଟ ହୋଇ ଉପର କୋର୍ଟକୁ ଯାଇଥିଲା। ହେଲେ ଜିଲ୍ଲା ଜଜ୍ ଏହି ମାମଲାର ବିଚାରଣା ପାଇଁ ଏଡିଜେ-୨ଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ମାମଲାରେ ୧୦ ଜଣଙ୍କ ମଧ୍ୟରେ ଗିରଫ ହୋଇ ଜେଲରେ ଥିବା ଓମ ପ୍ରଧାନଙ୍କୁ ଜାମିନ ପାଇଁ ତାଙ୍କ ଓକିଲ ଉପର କୋର୍ଟରେ ଆବେଦନ କରିଥିଲେ। ସେହି ଜାମିନ ଆବେଦନର ବିଚାରଣା ବେଳେ ସରକାରୀ ଓକିଲ କ୍ୟାଡର ଏପିପି ମଧୁସ୍ମିତା ସାହାଣୀ ଦୃଢ ବିରୋଧ କରିଥିଲେ। କୋର୍ଟ ଏହି ଆବେଦନର ବିଚାରଣା କରିଥିଲେ ମଧ୍ୟ ଆସନ୍ତା ୧୯ ତାରିଖରେ ଶୁଣାଣି କରିବେ ବୋଲି ଜଣାପଡିଛି। ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖ ସନ୍ଧ୍ୟାରେ ବ୍ରହ୍ମପୁରର ଏକ ସରକାରୀ କଲେଜରେ ଯୁକ୍ତତିନି ଶେଷ ବର୍ଷରେ ପଢୁଥିବା କନ୍ଧମାଳ ଜିଲ୍ଲାର ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ବଳାତ୍କାର କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ସେଥିରେ ସମ୍ପୃକ୍ତ ଥିବା ଦର୍ଶାଇ ୬ ଯୁବକ ଓ ୪ ନାବାଳକଙ୍କୁ ଧରିଥିଲା। ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୮୬/୨୫ରେ ଏକ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ କିଶୋର ନ୍ୟାୟବୋର୍ଡରେ ହାଜର କରିଥିଲା। ବର୍ତ୍ତମାନ ଏହି ବହୁଚର୍ଚ୍ଚିତ ଗଣବଳାତ୍କାର ମାମଲାକୁ ସରକାର ରେଡ ଫ୍ଲାଗ ଦର୍ଶାଇ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚଙ୍କୁ ଦେଇଛନ୍ତି। କିଛି ଦିନ ତଳେ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଚାର୍ଜସିଟ ଦାଖଲ ବେଳେ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା।

# ଚିତ୍ରକଳା ସୌନ୍ଦର୍ଯ୍ୟ ନଷ୍ଟ କଲେ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର, ୧୪।୮ (ସ୍ମୃତି ରଞ୍ଜନ ମହାଲିକ)
ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସହରରେ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଗୁଡିକର ମରାମତି ଜାରି ରହିଛି। ସହରର ବିଭିନ୍ନ ସରକାରୀ ଓ ବିଏମସି ଅନ୍ତର୍ଗତ ପାଚେରୀ ଗୁଡିକରେ ସୁନ୍ଦର ଓ ଆକର୍ଷଣୀୟ ଚିତ୍ରକଳା କରାଯାଉଛି। ଯେଉଁଥିରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଓ ସାମାଜିକ ବାର୍ତ୍ତା ରହିଛି। ସହରକୁ ଅଧିକ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ନିଗମ ପକ୍ଷରୁ କୁହାଯାଇଛି। ଏଣୁ ପାଚେରୀ ଗୁଡିକରେ ଜନ ସାଧାରଣ, ବ୍ୟବସାୟୀ ସଂସ୍ଥା ଓ ବିଭିନ୍ନ ସଂଗଠନ ପୋଷ୍ଟର, ବିଜ୍ଞାପନ ଲଗାଇବା ପାଇଁ ନିଗମ ପକ୍ଷରୁ ବାରଣ କରାଯାଇଛି। ପୋଷ୍ଟର ମାରିବା ଦ୍ୱାରା ଚିତ୍ରକଳାର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ନିଗମର ସ୍ୱଚ୍ଛତା ନିୟମାବଳୀ ଉଲ୍ଲଘଂନ ହେଉଥିବା ବିଏମ୍ସି ପକ୍ଷରୁ କୁହାଯାଇଛି। ଏଣୁ ଚିତ୍ରକଳା ପାଚେରୀ ଗୁଡିକରେ ପୋଷ୍ଟର ନ ମାରିବା ପାଇଁ ନିଗମ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଉଲ୍ଲଘଂନ କଲେ ସମ୍ପୃକ୍ତ ସଂସ୍ଥା ଓ ସଂଗଠନ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

# ମହାମାୟୀ ମହିଳା କଲେଜରେ ପାଠଚକ୍ର




ଆଲୋଚନାଚକ୍ରରେ ଅତିଥିଙ୍କ ସହ କଲେଜର ଅଧ୍ୟାପିକାମାନେ।

ବ୍ରହ୍ମପୁର, ୧୪।୮ (ସୁବାସ ଚନ୍ଦ୍ର ପାଢ଼ୀ)
ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଏକ ପାଠଚକ୍ର ଅଧକ୍ଷା ଡ.ନିବେଦିତା ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ଯୋଗଦେଇ 'ଭାରତର ସମ୍ବିଧାନ ଓ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟା ଡ. ସୁଜାତା ପଣ୍ଡିତ ପାଠଚକ୍ରକୁ ସଂଯୋଜନା କରିଥିବା ବେଳେ ଛାତ୍ରୀ ଆକାଂକ୍ଷା ଓ ଶୁଭସ୍ମିତା ଉକ୍ତ ବିଷୟରେ ନିବନ୍ଧ ଉପସ୍ଥାପନା କରିଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ବେହେରା 'ସମ୍ବିଧାନର ମୂଲ୍ୟବୋଧ ଓ ଗଣତନ୍ତ୍ରର ଗୁରୁତ୍ୱ' ଉପରେ ମତ ପ୍ରକାଶ କରିଥିଲେ। ପରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ଓ ବିଭାଗର ନୂତନ ଅଧ୍ୟାପିକା ଡ. ସଂଯୁକ୍ତା ନାୟକଙ୍କୁ ସ୍ୱାଗତ କରାଯାଇ ଥିଲା। ଛାତ୍ରୀ ଏ. ଉଷାରାଣୀ ଦୋରା ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମପୁର ସିଟି କଲେଜରେ ତ୍ରିରଙ୍ଗା ପଦଯାତ୍ରା




ସିଟି କଲେଜର ଛାତ୍ରୀଛାତ୍ର ପଦଯାତ୍ରା କରୁଛନ୍ତି।

ବ୍ରହ୍ମପୁର, ୧୪।୮ (ସୁବାସ ଚନ୍ଦ୍ର ପାଢ଼ୀ)
ସ୍ଥାନୀୟ ଆମ୍ବପୁଆ ସ୍ଥିତ ବ୍ରହ୍ମପୁର ସିଟି ମହାବିଦ୍ୟାଳୟ ପକ୍ଷରୁ ହରଘର ତ୍ରିରଙ୍ଗା ପଦଯାତ୍ରା ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଜୟନ୍ତ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ ଏଥିରେ ସାମିଲ ଥିଲେ। ୨୦୦ଫୁଟର ଏକ ତ୍ରିରଙ୍ଗା ପତାକା ଧରି ଛାତ୍ରୀଛାତ୍ର ଅଧ୍ୟାପିକା ଅଧ୍ୟାପକ ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା କଲେଜ ପରିସରରୁ ବାହାରି ପୋଲିସ ରିସର୍ଭ ପଡିଆ ଦେଇ ଆମ୍ବପୁଆ ଗ୍ରାମ ଏବଂ ମେଇନରୋଡ, କାଳୀମନ୍ଦିର, କ୍ରିଷ୍ଟାବିହାର, ବିବେକବିହାର, ଆୟକର ବିଭାଗ, କେନ୍ଦ୍ରୀୟ ବିଦ୍ୟାଳୟ ଅତିକ୍ରମ କରି ଲୋକଙ୍କୁ ଦେଶପ୍ରେମର ବାର୍ତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ଏନ.ସି.ସି ଅଫିସର ଲେଫନାଣ୍ଟ ମେଘନାଦ ପ୍ରଧାନ ପରିଚାଳନା କରିଥିବା ସ୍ଥଳେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ସୁଦାମ ଚରଣ ବିଷୋୟୀ ପରିଚାଳନା କରିଥିଲେ। ଏନ.ଏସ.ଏସ ପ୍ରୋଗ୍ରାମ ଅଫିସର ବାସୁଆ ମୁରଲୀ ଧର ଏବଂ ଡ.ସସ୍ମିତା ପଟ୍ଟନାୟକ ସହଯୋଗ କରିଥିଲେ। ଏନ.ସି.ସି, ୱାଇ.ଆର୍.ସି ଏବଂ ଏନ.ଏସ.ଏସ୍‌ର ସ୍ୱେଚ୍ଛାସେବୀ ଶୃଙ୍ଖଳାରକ୍ଷା କରିଥିଲେ। ପରେ କଲେଜ ପରିସରରେ ଏକ ସଭା ହୋଇ ଦେଶ ମାତୃକା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା।

# ଠକେଇ ମାମଲାରେ ଯୁବକ ଗିରଫ

ଗୋପାଳପୁର, ୧୪।୮ (ନବୀନ ରାଜ ଆଚାରୀ)
ମୋବାଇଲ ଚୋରି ଓ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଗୋପାଳପୁର ପୋଲିସ ଗୁରୁବାର ଗୋପାଳପୁର ନୂଆସାହିର ଶୁଭମ ସାହୁ (୨୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗୋପାଳପୁର ଏନଏସିରେ ଶୁଭମ ବାପାଙ୍କ ଏକ ଲେନ୍ଦ୍ ଦୋକାନ ରହିଛି। ଗୋଳନ୍ଥରା ଥାନା ଗୋବିନ୍ଦନଗର ଗ୍ରାମର ସୁଶାନ୍ତ ସାହୁ ଏକ କାମ ନେଇ ଗତ ୯ ତାରିଖ ସନ୍ଧ୍ୟାରେ ଦୋକାନକୁ ଆସିଥିଲେ। ବିଳମ୍ବିତ ରାତିରେ କାମ ସରିବା ପରେ ସୁଶାନ୍ତ ଶୁଭମଙ୍କ ଘରେ ରହି ଯାଇଥିଲେ। ଏହାର ସୁଯୋଗ ନେଇ ମୋବାଇଲ ଓ ବାଇକ୍ ନେଇ ଶୁଭମ ବିଳମ୍ବିତ ରାତିରେ ଚମ୍ପଟ ମାରିଥିଲେ। ପରଦିନ ସକାଳେ ସୁଶାନ୍ତ ତାଙ୍କ ମୋବାଇଲ ଓ ବାଇକ୍ ପାଇ ନ ଥିଲେ। ମୋବାଇଲ ମାଧ୍ୟମରେ ସୁଶାନ୍ତଙ୍କ ଦୁଇଟି ବ୍ୟାଙ୍କ ଖାତାରୁ ୧ଲକ୍ଷ ୬୯ ହାଜର ଟଙ୍କା ଓ ତାଙ୍କ ସ୍ତ୍ରୀଙ୍କ ବ୍ୟାଙ୍କ ଖାତାରୁ ୨୫ ହାଜର ଟଙ୍କା ଶୁଭମ ଉଠାଇଥିବା ସୁଶାନ୍ତ ଜାଣିବାକୁ ପାଇଥିଲେ। ଏ ନେଇ ସେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୭୧/୨୫ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଗିରଫ ପରେ ତାଙ୍କଠାରୁ ମୋବାଇଲ ଓ ବାଇକ୍ ଜବତ ହୋଇଛି।

# ଟାଟା ମୋଟର୍ସର ହାରିଅର୍ ଇଭି ଉଦ୍‌ଘାଟିତ




ଅତିଥିଙ୍କ ଦ୍ୱାରା ନୂଆ ଇଭି ଉଦ୍‌ଘାଟନ କରାଯାଉଛି।

ବ୍ରହ୍ମପୁର, ୧୪।୮ (ସ୍ମୃତି ରଞ୍ଜନ ମହାଲିକ): ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଲିମିଟେଡର ଅଧିକୃତ ଡିଲରଶିପ୍ ଡିଅନ ଅଟୋମେଟିଭ ପ୍ରା.ଲି ଓ ବ୍ରହ୍ମପୁରର ପଥରା ଜଙ୍କଶନରେ ଥିବା ଟାଟା ମୋଟର୍ସ ଇଲେକ୍ଟ୍ରି ଭେଇକିଲ୍ସ ମୋବିଲିଟି ଗୁରୁବାର ସବୁଠାରୁ ପ୍ରତିକ୍ଷିତ ଫ୍ଲାଗଶିପ ଉତ୍ପାଦ ଟାଟା ହାରିଅର ଇଭି ଲଞ୍ଚ କରିଛି। ଏଥିରେ ଆଇଜିପି ନୀତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଟିପିଏସ୍‌ଓଡିଏଲ୍ ଅପରେଶନ ସେବା ମୁଖ୍ୟ ମୃଣାଳ କୁଲକର୍ଣ୍ଣି ଓ ଏସବିଆଇ ମୁଖ୍ୟ ଶାଖାର ଏଜିଏମ ବିରୂପାକ୍ଷ ପାଢୀ ଯୋଗ ଦେଇ ନୂଆ ଗାଡିକୁ ଉଦଘାଟନ କରିଥିଲେ। ରାଜ୍ୟରେ ଇଲେକ୍ଟ୍ରିକ ଭେଇକିଲ(ଇଭ) ପ୍ରତି ସମସ୍ତ କ୍ଷେତ୍ରରେ ଆଗ୍ରହ ଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ମଧ ଏହାକୁ ଶୀଘ୍ର ଗ୍ରହଣ କରିବା ପାଇଁ ନୀତି ଓ ଲାଭ ଦ୍ୱାରା ଏହାର ବ୍ୟବହାରକୁ ଅଧିକ ଅନୁକୂଳ କରିବା ନିମନ୍ତେ ସମସ୍ତ ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ। ପରିବେଶ ସୁରକ୍ଷା ପାଇଁ କମ୍ପାନୀ ସବୁବେଳେ ପ୍ରତିଶ୍ରୁତିବଦ୍ଧ ବୋଲି ଡିଅନ ସିଇଓ କହିଛନ୍ତି। ଟାଟା ମୋଟର୍ସ ଦ୍ୱାରା ୨୪ ଘଣ୍ଟିଆ ସେବା ସହିତ ରାଜ୍ୟବାସୀଙ୍କ ନିକଟରେ ବୈଦ୍ୟୁତିକ ଗାଡି କିଭଳି ପହଞ୍ଚି ପାରିବ ସେଥିପାଇଁ କମ୍ପାନୀ ସବୁବେଳେ ସହଯୋଗ କରି ଆସୁଛି। ଏଥିରେ ତୁରନ୍ତ ଚାର୍ଜ ହେବା କ୍ଷମତା ରହିଛି। ଗତିଶୀଳତା ବି ଠିକ୍ ରହିଛି। ପରବର୍ତ୍ତୀ ପିଢ଼ି ପାଇଁ ଏହା ଅନୁକୂଳ ହେବ। ଏହାର ୫ ତାରକା ବିଏନ୍‌ସିପି ପ୍ରସ୍ତୁତିରୁ ଆରମ୍ଭ କରି ୨ ଏଡିଏସ୍ ପର୍ଯ୍ୟନ୍ତ ରହିଛି। କାର୍ଯ୍ୟକ୍ରମରେ ଡିଅନ ଗ୍ରୁପର ନିର୍ଦ୍ଦେଶକ ମନୋଜ କୁମାର ସାହୁ, ସିଇଓ ଡିଅନ ଅଟୋମେଟିଭ ସତ୍ୟମ ପଟ୍ଟନାୟକ, ଶାଖା ମୁଖ୍ୟ ରଶ୍ମି ରଞ୍ଜନ ପଟ୍ଟନାୟକ ଓ ସେବା ମୁଖ୍ୟ ଜ୍ୟୋତି ରଞ୍ଜନ ଜେନାଙ୍କ ସମେତ ଶୈଳେଶ ରାୟ, ହର୍ଷ ରାଜ, ରମେଶ ଦେ, ରାମପୁରୀ ଭାମସି ଓ ରାହୁଲ ତ୍ରିପାଠୀ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତ, ସହଯୋଗୀ ଗିରଫ

## ଧନନ୍ତରରେ ବୋମାମାଡ଼ ଓ ଗୁଳିମାଡ଼ ଘଟଣା

ଶେରଗଡ, ୧୪।୮ (ସୂର୍ଯ୍ୟ ନାରାୟଣ ଦାଶ)
ଶେରଗଡ ବ୍ଲକ ଧନନ୍ତରରେ ଜୁଲାଇ ୨୫ ରାତି ୮ଟାରେ କେତେ ଜଣ ଦୁର୍ବୃତ୍ତ କାଳିଆ ଓରଫ ନିରଞ୍ଜନ ଜେନାଙ୍କ ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ସେମାନେ ହେଲେ ଧରାକୋଟର ମୁଖ୍ୟ ଅଭିଯୁକ୍ତ ଜମୀର ଖାନ (୩୩) ଓ ସହଯୋଗୀ ବକ୍ସି ଖାନ୍ (୨୭)। ସେମାନଙ୍କଠାରୁ ୨ଟିପିସ୍ତଲ ସହ ଦେଶୀ ବନ୍ଧୁକ, ୩ଟି ମାଗାଜିନ ଓ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଏହି ଘଟଣାରେ ନିରଞ୍ଜନଙ୍କ ସ୍ତ୍ରୀ ସରିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍‌ଡିପିଓ ସନ୍ତୋଷ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଏଥିରେ ସମ୍ପୃକ୍ତ ଥିବା ୬ ଜଣଙ୍କୁ ଗିରଫ କରି ପୂର୍ବରୁ କୋର୍ଟଚାଲାଣ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଜମୀର ଓ ସହଯୋଗୀ ବକ୍ସି ଫେରାର ଥିଲେ। ସେମାନେ ଧରାକୋଟ ଅଞ୍ଚଳରେ ଥିବା ସୂଚନା ପାଇ ଟିମ୍ ଉଭୟଙ୍କୁ ଏବେ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଆସିକା ଜେଲ ହାଜତକୁ ପଠାଯାଇଛି। ଏଥିରେ ସମ୍ପୃକ୍ତ ଥାଇ ଫେରାର ଥିବା ଆଉ ୩ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବୋମା ଓ ଗୁଳିମାଡ଼ରେ ଗୁରୁତର ହୋଇଥିବା ନିରଞ୍ଜନ ଚିକିତ୍ସିତ ହୋଇ ନିକଟରେ ଘରକୁ ଫେରିଛନ୍ତି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | ଶ୍ରୀ ରାଜକିଶୋର ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର (୧) ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ (୨) ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | **ଶ୍ରୀ କପିଳ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ଵ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / ୧୨.୦୮.୨୦୨୫ | **ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୪.୦୮.୨୦୨୫

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସାପ କାମୁଡ଼ାରେ ଜଣେ ମୃତ

ଟିକିଟି, (ପ୍ରକାଶ ଚନ୍ଦ୍ର ସାହୁ): ଟିକିଟି ବ୍ଲକ୍ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ଚିଲାଡି ଗ୍ରାମରେ ଗୁରୁବାର ସାପ କାମୁଡାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ କଳବାଡ଼ ପଞ୍ଚାୟତ ଚିଲାଡୀ ଗ୍ରାମର ମନୋଜ ନାୟକ (୫୩)। ମନୋଜ ଜମିକୁ ଯାଇ କମା କରୁଥିବା ବେଳେ ହଠାତ ଏକ ସାପ କାମୁଡ଼ି ଦେଇଥିଲା। ଜମିରେ କାମ କରୁଥିବା ଲୋକ ଦେଖି ମନୋଜକୁ ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥଲେ। ଖବର ପାଇ ଟିକିଟି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ କୁ ଜବତ କରି ବ୍ରହ୍ମପୁର ବଡମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।



## କାର୍ ଧକ୍କାରେ ଗୁରୁତର ବାଇକ୍ ଚାଳକଙ୍କ ମୃତ୍ୟୁ

ଦିଗପହଣ୍ଡି,୧୪।୮(ଅଶେଷ ନାଥ ମିଶ୍ର): ଖେମୁଣ୍ଡି କାଲୁଆ ଛକଠାରେ ବୁଧବାର ଅପରାହ୍ନରେ ଏକ ଦୃତଗାମୀ କାର ଧକ୍କାରେ ସିଦ୍ଧେଶ୍ୱର ପଞ୍ଚାୟତ ଗୋପାଳପୁର ଗ୍ରାମର ବାଇକ୍ ଚାଳକ ଜଗନ କୁମାର ସ୍ୱାଇଁ(୨୩) ଗୁରୁତର ଆହାତ ହୋଇଥିଲେ। ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସେଠାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମସରେ ଭର୍ତ୍ତି କରାଯାଇଥିଲା। ଏମଏସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ଜଗନଙ୍କର ମୃତ୍ୟୁ ଘଟିଛି। ଉଦୟନାଥ ସ୍ୱାଇଁ ଓ ସୁଦକ୍ଷା ସ୍ୱାଇଁଙ୍କ ଏକମାତ୍ର ପୁଅ ଜଗନ ଜଣେ ଅନଲାଇନ ସାମଗ୍ରୀ ଡେଲିଭେରି ବୟ ଭାବେ କାମ କରୁଥିଲେ। ରୋଜଗାରିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିବା ମା ବାପା। ସନ୍ଧ୍ୟାରେ ଗାଁ ଶ୍ମଶାନରେ ଜଗନଙ୍କ ଅନ୍ତିମ ସଂସ୍କାର ହୋଇଥିଲା। ଜଗନଙ୍କ ମାମୁଁ ଦିଗପହଣ୍ଡି ଥାନାରେ ପହଞ୍ଚି କାର୍ ଚାଳକଙ୍କ ବିରୁଦ୍ଧରେ ଏତଲା ଦେଇଥିଲେ। ପୋଲିସ ନଂ. ୨୯୧/୨୫ରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ସୁରକ୍ଷା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ

### ଜନ୍ମାଷ୍ଟମୀ ପାଇଁ ଚଳ ଚଞ୍ଚଳ କନ୍ଧମାଳ

ଫୁଲବାଣୀ/ତୁମୁଡିବନ୍ଧ, ୧୪।୮(ରାକେଶ କୁମାର ରାଉତ/ଦୀପକ ପରାସେଟ୍)

କନ୍ଧମାଳ ଜିଲା ତୁମୁଡିବନ୍ଧସ୍ଥିତ ଜଲେଶପଙ୍ଗା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଓ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବ। ଏଥିପାଇଁ ଜଲେଶପଙ୍ଗା ଆଶ୍ରମରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ ଜଲେଶପଙ୍ଗା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମର ଅନ୍ତେବାସୀ ଆଶ୍ରମ ପରିସରକୁ ପରିସ୍କାର ପରିଚ୍ଛନ୍ନ କରିବା ସହ ସ୍ୱାମୀଜିଙ୍କ ବଳିଦାନ କକ୍ଷ୍ୟ, ପ୍ରତିମୂର୍ତ୍ତି, ଯଜ୍ଞ ମଣ୍ଡପ ସମେତ ପ୍ରତିଟି ସ୍ଥାନକୁ ସୁସଜ୍ଜିତ କରିଛନ୍ତି । ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସୁରକ୍ଷାର୍କମୀ ଆଶ୍ରମ ପରିସରରେ ଓ ବାହାରେ ପଇଁତରା ମାରୁଛନ୍ତି । ଯେପରି କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ନ ଉପୁଜେ ସେଥିପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ବାଲିଗୁଡା ଏସଡ଼ିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି। ସେହିପରି ଚକାପାଦ ଆଶ୍ରମରେ ମଧ ଜନ୍ମାଷ୍ଟମୀ ପାଳନ ହେବ। ଗୋଟିଏ ଦିନରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ପଡୁଥିବାରୁ ସୁରକ୍ଷା ଦୃଷ୍ଟିରୁ ସାରା ଜିଲାରେ ମୋଟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତୁମୁଡ଼ିବନ୍ଧ ଜଲେଶପଙ୍ଗା ଆଶ୍ରମ ଓ ଚକାପାଦ ଆଶ୍ରମରେ ୪ ପ୍ଲାଟୁନ ଲେଖାଏ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବିଭିନ୍ନ ସ୍ଥାନରେ ନାକା ଲଗାଇ ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ଏସପି ହରିଶ ବିସି ସୂଚନା ଦେଇଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଜଲେଶପେଟା ଆଶ୍ରମ ଯାଇ ଅନ୍ତେବାସୀଙ୍କ ସହ ଆଲୋଚନା କରିବା ସହ ଆଶ୍ରମ ବୁଲି ଦେଖିଛନ୍ତି।

## ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ,୧୪।୮(ରାକେଶ କୁମାର ରାଉତ)

ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୬୪ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୩ ବର୍ଷ ୬ମାସ ଜେଲ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ପୁରୁଣାକଟକର ଦିନେଶ ପ୍ରଧାନ ଓରଫ ମାନସ (୨୬)।

ମିଳିଥିବା ସୂଚନା ଅନୁସାରେ ପୀଡ଼ିତା ଅଜା ଘରେ ରହି ଫୁଲବାଣୀ ମହାବିଦ୍ୟାଳୟରେ ପଢୁଥିଲେ। ଏଥିସହ ଘରକୁ ଯିବା ଆସିବା କରୁଥିଲେ। ୨୦୧୫ ଅକ୍ଟୋବର ୭ରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଅପହରଣ କରି ନେଇଥିଲେ। ଶଙ୍ଖା ସିନ୍ଦୂର ଲଗାଇ ଫୁଲବାଣୀର ଏକ ଭଡ଼ା ଘରେ ପ୍ରାୟ ୩ମାସ ରଖି ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ଟାଉନ ଥାନାରେ ୨୦୧୬ ଜାନୁଆରୀ ୨୧ରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭/୧୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରି ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତି ପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ଗ୍ରାନାଇଟ୍ ବ୍ୟବସାୟୀଙ୍କୁ ଅପହରଣ,୭ ଗିରଫ

### ବିଜୟନଗରମ୍‌ରୁ ଅଭିଯୁକ୍ତଙ୍କୁ ଧରିଲା ପୋଲିସ



ପାରଳାଖେମୁଣ୍ଡି,୧୪।୮(ଗିରିଧାରୀ ପରିଚ୍ଛା)

ଏକ ଅପହରଣ ମାମଲାରେ ଗୁରୁବାର ପାରଳାଖେମୁଣ୍ଡି ପୋଲିସ ୭ ଜଣଙ୍କୁ ଗିରଫ କରିଛି । ପାରଳାଖେମୁଣ୍ଡି ଥାନା ଡାମୁଣି ଗାଁର ଶ୍ରୀହରି ଗ୍ରାନାଇଟର ମ୍ୟାନେଜର ଧର୍ମେନ୍ଦ୍ର କୁମାରଙ୍କୁ ଅପହରଣ କରାଯାଇଥିଲା। ବ୍ୟବସାୟିକ ଶତ୍ରୁତାକୁ ନେଇ ଏହି ଅପହରଣ ଘଟଣା ଘଟିଛି। ସମସ୍ତ ଅଭିଯୁକ୍ତଙ୍କୁ ବିଜୟନଗରମରୁ ଗିରଫ କରାଯାଇଛି। ସେମାନେ ହେଲେ ଗୋପାଳ ସିଂ (୪୨), ଡି. ସାଇ କୁମାର (୨୦), ବି. ପ୍ରସନ୍ନ କୁମାର (୨୯), ପି. ସାଇ (୨୭), କେ ମୁରଲୀ (୪୦), ଟି. କ୍ରିଷ୍ଣା (୪୦) ଓ ବି. ରମେଶ (୪୬)। ସମସ୍ତ ଅଭିଯୁକ୍ତ ବିଜୟନଗରମ ସହରର ବୋଲି ଏକ ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଯତୀନ ପଣ୍ଡା କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବିଜୟନଗରମର ଗ୍ରାନାଇଟ୍ ବ୍ୟବସାୟୀ ଗୋପାଳ ସିଂଙ୍କୁ ବ୍ୟବସାୟ କାରବାର ନେଇ ଧର୍ମେନ୍ଦ୍ର କୁମାର ୧ ଲକ୍ଷ ଟଙ୍କା ଦେବାକୁ ଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବୁଧବାର ଅପରାହ୍ନ ୩ଟାରେ ଦୁଇଟି କାରରେ ଗୋପାଳ ୭ ଜଣ ସହଯୋଗୀଙ୍କୁ ଧରି ଗ୍ରାନାଇଟ ଫ୍ୟାକ୍ଟ୍ରିରେ ପଶି ଧର୍ମେନ୍ଦ୍ରଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ନିକଟସ୍ଥ ଜୟଶ୍ରୀ ଗ୍ରାନାଇଟ ଫ୍ୟାକ୍ଟ୍ରିର ମ୍ୟାନେଜର ତାରା ସିଂ ଯାଦବ ଘଟଣା ସମ୍ପର୍କରେ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ନଂ. ୨୦୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏନେଇ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ବିଜୟନଗରମରେ ପହଞ୍ଚି ଛାନଭିନ ଚଳାଇ ସେମାନଙ୍କୁ ଗିରଫ କରିଥିଲା। ଅପହରଣରେ ବ୍ୟବହୃତ ଦୁଇଟି କାର ସହ ଅଭିଯୁକ୍ତଙ୍କଠାରୁ ୪ଟି ମୋବାଇଲ ଫୋନ, ନଗଦ ୨୫ ହଜାର ଟଙ୍କା ପୋଲିସ ଜବତ କରିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି।

## ଖାଦ୍ୟ, ଯୋଗାଣ ବିଭାଗ ଅତିରିକ୍ତ ସମ୍ପାଦକଙ୍କ ଲ୍ୟାମ୍ପ ପରିଦର୍ଶନ

ଜି.ଉଦୟଗିରି,୧୪।୮(ଚିନ୍ମୟ କୁମାର ସେଠୀ)

ଖରିଫ ଧାନ ବିକ୍ରି ପଞ୍ଜିକରଣ କାଗଜପତ୍ର ସମୀକ୍ଷା ନିମନ୍ତେ ଜି.ଉଦୟଗିରି ଲ୍ୟାମ୍ପ ସମବାୟ ସମିତି ପରିଦର୍ଶନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଖାଦ୍ୟ, ଯୋଗାଣ ବିଭାଗ ଅଧିକାରୀ ଆସିଛନ୍ତି। ଏଥିରେ ଖାଦ୍ୟ ଯୋଗାଣ ବିଭାଗର ଅତିରିକ୍ତ ସମ୍ପାଦିକା ଶକୁନ୍ତଳା ବିନ୍ଧାଣୀ ଓ ସମବାୟ ଉପନିବନ୍ଧକ ସନ୍ତୋଷ ଦାସ ଫୁଲବାଣୀ, ସହକାରୀ ନିବନ୍ଧକ ଲଳିତ ମାଝୀ ଫୁଲବାଣୀ ସର୍କଲ, ସହକାରୀ ନିବନ୍ଧକ ସୁକାନ୍ତ ପାଢ଼ୀ ଏବଂ ବାଲିଗୁଡା ଓ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଅନ୍ୟ କର୍ମଚାରୀ ମାନେ ଯୋଗଦେଇଥିଲେ। ସ୍ଥାନୀୟ ଲ୍ୟାମ୍ପ ସମବାୟ ସମିତି ନିର୍ଦ୍ଦେଶକ ଶିଶିର କାନ୍ତ ତ୍ରିପାଠୀ, ହିସାବ ରକ୍ଷକ ପିତାମ୍ୱର ସାହୁ, ରିଙ୍କୁ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବ୍ଲକ କୃଷି କାର୍ଯ୍ୟାଳୟ ଗସ୍ତରେ ଜିଲା କୃଷି ଅଧିକାରୀ କର୍ମଚାରୀ ଅନୁପସ୍ଥିତ ଥିବା ଦେଖି ଫେରିଗଲେ

ପାତ୍ରପୁର ୧୪।୮(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ମୁଖ୍ୟ କୃଷି ଅଧିକାରୀ ଅଜୟ କର ଗୁରୁବାର ପାତ୍ରପୁର ବ୍ଲକ ଗସ୍ତରେ ଯାଇ କୃଷି କାର୍ଯ୍ୟାଳୟରେ ଅବ୍ୟବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମୟରେ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ କେତେ ଜଣ କର୍ମଚାରୀ ଉପସ୍ଥିତ ନ ଥିବା ଦେଖି ସେ ବିରକ୍ତ ପ୍ରକାଶ କରିଥିଲେ। କରଙ୍କ ଗସ୍ତ ସମୟରେ ଏଟିଏମ ପ୍ରଭାତ ସାହୁ, ଭିଏଲଡବ୍ଲ୍ୟୁ ବାପି ମଲ୍ଲିକ ଓ ରାତି ଜଗୁଆଳି ଉପସ୍ଥିତ ଥିଲେ। କାର୍ଯ୍ୟାଳୟରେ ଅଧିକାରୀ ଓ ଅନ୍ୟ କର୍ମଚାରୀ ନ ଥିବା ଦେଖି ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରୁ ଫେରିଯାଇଥିଲେ। ଏବିଷୟରେ କରଙ୍କୁ ପଚାରିବାରୁ ସେ କହିଲେ, କୃଷି କାର୍ଯ୍ୟାଳୟରେ ଯେଉଁ କର୍ମଚାରୀ ଉପସ୍ଥିତ ନ ଥିଲେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ସେମାନଙ୍କ ଦରମା ବନ୍ଦ କରାଯିବ ବୋଲି କହିଛନ୍ତି।






## ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ରମ୍ଭା,୧୪।୮(ବନବାସୀ ସେଠୀ): ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅଧକ୍ଷ ଅଭିମନ୍ୟୁ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର ଜାତୀୟ ପତକା ଧରି ଭାରତ ମାତାକି ଜୟ ସ୍ଲୋଗାନ ଦେଇ କଲେଜ ଠାରୁ ରମ୍ଭା ଏନଏସି ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ରଞ୍ଜିତ କୁମାର ପାଣିଗ୍ରାହୀ ସଂଚାଳନ କରିଥିବା ବେଳେ ମହାବିଦ୍ୟାଳୟର ଅଧାପକ ଡ଼. ଭାସ୍କର ଚନ୍ଦ୍ର ମୁଦୁଲି, ହେମନ୍ତ କୁମାର ଦାଶ, ନିରଞ୍ଜନ ମହାନ୍ତି, ବ୍ରଜ ମୋହନ ପଣ୍ଡା, ଅଧାପିକା ଟି. ଅଲିଶ୍ରୀ ଆଚାରୀ, ନର୍ମଦା ରଥ, ତପନ ନାହାକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡ଼ା ବ୍ଲକ ଉତ୍କଳ ଛାତ୍ର ସଂଘ ପକ୍ଷରୁ ବୁଗୁଡ଼ା ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଉତ୍କଳ ଛାତ୍ର ସଂଘ ସଭାପତି ରଜତ ପୃଷ୍ଟି, ସମ୍ପାଦକ ରାକେଶ ଜେନା, ଅଧାପକ ବିଭୂତି ଭୂଷଣ ମିଶ୍ର, ସୌଭାଗ୍ୟ ସାହୁ, କାଜଲ ଗୌଡ଼, ସିମ୍ରନ୍ ଭଞ୍ଜ, ପୂଜା ଦାସ, ସୋନାଲି ଜେନା, ରଶ୍ମିତା ପଣ୍ଡାଙ୍କ ସମେତ ବହୁ ଛାତ୍ରୀ ଯୋଗ ଦେଇଥିଲେ। ସେହିପରି ବାଲିପଦର ମଣ୍ଡଳ ଭାଜପା ସଭାପତି ଭଗବାନ ଜେନା ଓ ପ୍ରଭାରୀ ସଞ୍ଜୟ ଜେନାଙ୍କ ତତ୍ତ୍ୱାବଧାନରେ ଏହି ମଣ୍ଡଳ ଅନ୍ତର୍ଗତ ୭ଟି ପଞ୍ଚାୟତରେ ବାଇକ୍ ଯୋଗେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ ବ୍ଲକ ବାଣିଆ ତାଳପଡ଼ା ମଣ୍ଡଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଅଞ୍ଚଳର ଶତାଧିକ ଭାଜପା କର୍ମୀ ଯୋଗ ଦେଇ ଟିକିଲି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ହାତରେ ତ୍ରିରଙ୍ଗା ପତାକା ଧରି ଗ୍ରାମ ପରିକ୍ରମା କରିଥିଲେ। ସେଠାରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ଜାତୀୟ ପତାକାର ମର୍ଯ୍ୟଦା ରଖିବା ପାଇଁ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ବାଣିଆ ତାଳପଡ଼ା ମଣ୍ଡଳ ସଭାପତି ଶମ୍ଭୁ ପ୍ରଧାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ଫୁଲବାଣୀ କଲେଜରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ଫୁଲବାଣୀରେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଫୁଲବାଣୀ,୧୪।୮ (ରାକେଶ କୁମାର ରାଉତ)

ଫୁଲବାଣୀ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ପଦଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ମହାବିଦ୍ୟାଳୟର ଅଧକ୍ଷ ସୁବାଶ ଚନ୍ଦ୍ର ପ୍ରଧାନ ଉକ୍ତ ପଦ ଯାତ୍ରାକୁ ଉଦ୍‌ଘାଟନ କରି ହର୍ ଘର୍ ତ୍ରିରଙ୍ଗାର ମହତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ପଦଯାତ୍ରାରେ ୫ଶହରୁ ଅଧିକ ଛାତ୍ରୀଛାତ୍ର, ଅଧାପକ, ଅଧାପିକା, କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ତରଫରୁ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଜିଲାପାଳ ବେଦଭୂଷଣ ଯୋଗଦେଇ କହିଲେ ପ୍ରତ୍ୟକ ଛାତ୍ରୀଛାତ୍ର ଦେଶପାଇଁ ସ୍ୱପ୍ନ ଦେଖିବା ଉଚିତ। ଏହା ଏକ ସୁନ୍ଦର ସମାଜ ତଥା ଦେଶ ଗଠନରେ ସହାୟକ ହେବ। ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକ, ପିଏ ଆଇଟିଡିଏ ଗଦାଧର ପାତ୍ର, ଫୁଲବାଣୀ ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କଂଗ୍ରେସର ମଶାଲ ଶୋଭାଯାତ୍ରା

ଫୁଲବାଣୀ,୧୪।୮(ରାକେଶ କୁମାର ରାଉତ)

ଭୋଟ ଚୋରି ଅଭିଯୋଗ ନେଇ ଚାଲିଥିବା ପ୍ରସଙ୍ଗ ପରିପ୍ରେକ୍ଷୀରେ ଗୁରୁବାର କନ୍ଧମାଳ ଜିଲା କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ସ୍ଥାନୀୟ ମାଦିକୁଦା ଛକସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଆସିଥିଲେ। ଭୋଟଚୋର ଗାଦିଛାଡ଼ ସ୍ଲୋଗାନ ଦେବା ସହ ଦେଶରେ ସ୍ୱଚ୍ଛ ନିର୍ବାଚନ ପାଇଁଦାବିକରିଥିଲେ। ଜିଲା ସଂଯୋଜକ ଚନ୍ଦ୍ର ଶେଖର ପରିଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ପୂର୍ବତନ କାଉନସିଲର ସୂର୍ଯ୍ୟକାନ୍ତ ଦାଶ, ଯୁବନେତା ଚନ୍ଦନ ପଣ୍ଡା, ହେମନ୍ତ କର ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ନାବାଳିକା ଅପହରଣ, ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୧୪।୮ (ରାକେଶ କୁମାର ରାଉତ)

ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୨୦ ବର୍ଷସଶ୍ରମ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥି ସହ ୫୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଅଧିକ ୯ ମାସ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟିକାବାଲି ଥାନା ଉପରଖୋଲ ଅଞ୍ଚଳର ରଞ୍ଜନ ଦେହୁରୀ(୨୬) ।

ସୂଚନା ଅନୁସାରେ ୨୦୨୪ ଫେବୃଆରୀ ୭ରେ ଖଜୁରିପଡ଼ା ଥାନା ଅଞ୍ଚଳର ନାବାଳିକା ସକାଳେ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ ତାଙ୍କର ସନ୍ଧାନ ପାଇ ନ ଥିଲେ। ୧୦ ତାରିଖ ଦିନ ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଖଜୁରିପଡ଼ା ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୧୦/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ପରେ ସେହିଦିନ ହିଁ ନାବାଳିକାଙ୍କୁ ଟିକାବାଲି ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲା। ପରଦିନ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବିଚାରପତି ୧୫ ଜଣ ସାକ୍ଷୀଙ୍କ ବୟାନ, ରିପୋର୍ଟ ଓ ପୀଡ଼ିତାଙ୍କ ବୟାନ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ମଧ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ଅସିମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।

## ହସ୍ପିଟାଲ ପରିଦର୍ଶନ କଲେ ଅତିରିକ୍ତ ଜିଲାପାଳ

ଛତ୍ରପୁର,୧୪।୮(ଦିଲୀପ ସାମଲ): ଗଞ୍ଜାମ ଜିଲାର ଅତିରିକ୍ତ ଜିଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି ଗୁରୁବାର ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ପରିଦର୍ଶନ ଆସିଥିଲେ। ରୋଗୀଙ୍କୁ ଉଚିତ ସେବା ପ୍ରଦାନ କରାଯାଉଛି କି ନାହିଁ, ଡ୍ୟୁଟିରେ ଥିବା ଡାକ୍ତର ଆସିଛନ୍ତି କି ନାହିଁ ତାହା ତଦାରଖ କରିଥିଲେ। ମେଡିକାଲ ପରିସରରେ ପଡି ରହିଥିବା ଏକ ଜେନେରେଟର କେଉଁ ବିଭାଗ ଦେଇଛି ତାହା ଅତିରିକ୍ତ ଜିଲାପାଳ ପଚାରି ବୁଝିଥିଲେ ମଧ୍ୟ କେହି ଉତ୍ତର ଦେଇନଥିଲେ। ଚିକିତ୍ସାଳୟରୁ ଅବସର ଗ୍ରହଣ କରିଥିବା ଫାର୍ମାସିଷ୍ଟ ନବୀନ ମହାପାତ୍ର ଏବଂ ମୃତ ସଫେଇ କର୍ମଚାରୀ ଗଜେନ୍ଦ୍ର ନାହାକଙ୍କ ପେନସନ କାଗଜପତ୍ର କାହିଁକି କରାଯାଉ ନାହିଁ ତାହାର ତଦନ୍ତ କରିଥିଲେ। ଯେଉଁମାନେ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ।

## ବାଲାଜୀ ମହାବିଦ୍ୟାଳୟରେ ଇନୋଭେଶନ, ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଟିକିଟି,୧୪।୮(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଇନୋଭେଶନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଡା. ସୁଦର୍ଶନ ପଟ୍ଟନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ଧନ୍ଦାମୂଳକ ମହାବିଦ୍ୟାଳୟର ଟୁରିଜିମ୍ ମ୍ୟାନେଜମେଣ୍ଟ ଅଧାପକ ଅଲେଖ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଛାତ୍ର କାଳୀଚରଣ ମିଶ୍ର, ମହାବିଦ୍ୟାଳୟର ନୋଡାଲ ଅଧିକାରୀ ପ୍ରାଧାପକ ପ୍ରଶାନ୍ତ ଚୌଧୁରୀ, ଭୋକେଶନାଲ କଲେଜର ବରିଷ୍ଠ ଅଧାପକ ରୁନା ଚନ୍ଦ୍ର ସାହୁ ଯୋଗଦେଇ ଇନୋଭେଶନ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଦ୍ୱାରା ଆୟୋଜିତ ଛାତ୍ରମାନଙ୍କ ପାଇଁ ସେମାନଙ୍କ ଅଭିନବ ଚିନ୍ତାଧାରା ଏବଂ ଉଦ୍ୟୋଗୀ ମନୋଭାବ ପ୍ରଦର୍ଶନ କରିବାର ଏହା ଏକ ପ୍ଲାଟଫର୍ମ ବୋଲି କହିଥିଲେ। ଏନେଇ ଇନୋଭେଶନ୍ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀ ଈଶ୍ୱରୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରୀଧର ସାହୁ ଦ୍ୱିତୀୟ ସ୍ଥାନ, ଜସ୍ମିନ ମହାଙ୍କୁଡ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍ଭିଦ ବିଜ୍ଞାନର ଅଧାପିକା ସସ୍ମିତା ଗୌଡ଼ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଅଧାପକ ଅୟଶକାନ୍ତି ମହାନ୍ତି ପରିଚାଳନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧାପକ ଦିଲୀପ ବେହେରା, ସରୋଜ ଦାସ, ପିଙ୍କୁ ପ୍ରଧାନଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବିଭାଜନ ବିଭୀଷିକା ଉପରେ ଆଲୋଚନାଚକ୍ର



ଫୁଲବାଣୀ, ୧୪।୮(ରାକେଶ କୁମାର ରାଉତ)

ଫୁଲବାଣୀ ପୌର ପରିଷଦ ବିଜୁ କଲ୍ୟାଣ ମଣ୍ଡପରେ ଗୁରୁବାର କନ୍ଧମାଳ ଜିଲା ଭାଜପା ପକ୍ଷରୁ ବିଭାଜନ ବିଭୀଷିକା ଉପରେ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଜିଲା ସଭାପତି ପଣ୍ଡିତ ବିଶିମାଝୀଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ମନମୋହନ ସାମଲ୍ ଯୋଗଦେଇ ବିଭାଜନ ବିଭୀଷିକା ଉପରେ ଆଲୋଚନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ରାଜ୍ୟ ପ୍ରଚାରକ ସରୋଜ କର, ଭାଜପା ନେତା ଗୋବିନ୍ଦ ପ୍ରଧାନ ଏବଂ ବାଲିଗୁଡ଼ା ଭାଜପା ନେତ୍ରୀ କଳ୍ପନା କହଁର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ନେତା ସଞ୍ଜିତ ମଣ୍ଡଳ, ଅଜିତ୍ ପଟ୍ଟନାୟକ ଏବଂ ରମେଶ ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଆଲୋଚନାଚକ୍ର ପୂର୍ବରୁ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀମାନେ ସର୍କିଟ୍ ହାଉସଠାରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାର କରି ସଭାସ୍ଥଳକୁ ଆସିଥିଲେ । ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଭାପତି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଳଝରି/ବରହରୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାକୁଡିହ/ରାଜଗ୍ରାମ/ପିନାରଗାରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍ଏସ୍ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାତିଆ–ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍ଏସ୍ଇ (ୱାର୍କସ୍)/ହାତିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍–I= ୪୭୯, ଟାଇପ୍–II= ୪୫୬, ଟାଇପ୍–III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦ । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ) । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । (PR-524)

# ମୋ ଦୃଷ୍ଟିରେ ସ୍ୱାଧୀନତା

ଆଜି ଦେଶରେ ପାଳିତ ହେଉଛି ୭୯ତମ ସ୍ୱାଧୀନତା ଦିବସ । ଏହି ଅବସରରେ ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ବିଭିନ୍ନ ବର୍ଗର ଯୁବପିଢ଼ି ଯାହା କୁହନ୍ତି...

**ରିପୋର୍ଟ: ସୌମ୍ୟରଞ୍ଜନ ରାଉତ**

## ମୋ ପାଇଁ ଦେଶ ସ୍ୱାଧୀନତାର ଅର୍ଥ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା

ମୋ ପାଇଁ ସ୍ୱାଧୀନତାର ଅର୍ଥ ନିଜ ଚିନ୍ତାଧାରା ଆଉ ଆଦବକାଇଦାକୁ ନେଇ ଜୀବନ ବଞ୍ଚିବା। ଅର୍ଥାତ୍ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା। ଆମେ ନିର୍ଭୀକ ଭାବେ ସେତେବେଳେ ଚିନ୍ତା କରିପାରିବା ଯେବେ ଆମେ ସ୍ୱାବଲମ୍ବୀ ହେଇପାରିବା। ଏଥିଲାଗି ଆବଶ୍ୟକ ହେଉଛି ଆମ ଯୁବପିଢ଼ି କୌଣସି ଭୟର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଭାବରେ ନିଜର ବୁଦ୍ଧି ଓ ବିବେକ ଆଧାରରେ ମତ ପ୍ରକାଶ କରିବାକୁ ସଶକ୍ତ ହେବା ଏବଂ ଦେଶପ୍ରେମର ଫଲ୍‌ଗୁରେ ମତୁଆଲା ହେବା। ସ୍ୱାଧୀନତାର ଅର୍ଥ କେବଳ ଦେଶରେ ବାହ୍ୟଶକ୍ତିର ଅନୁପସ୍ଥିତି ତାହା ନୁହେଁ, ବରଂ ଏହା ଏପରି ଏକ ଆଭ୍ୟନ୍ତରୀଣ ଶକ୍ତିର ଉପସ୍ଥିତି ଯାହା ଆମକୁ ଆମ ପୂର୍ବଜମାନଙ୍କର ତ୍ୟାଗର ସମ୍ମାନ ରକ୍ଷା କରିବାର ପ୍ରେରଣା ଦିଏ। ଆଗାମୀ ଦିନରେ ସେଇ ଭାବଧାରାକୁ ଆଗେଇନେଇ ଏକତା ଏବଂ ସାର୍ବଭୌମତାକୁ ବଜାୟ ରଖିବାକୁ ଆହ୍ୱାନ କରେ।

**- ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଟେକ୍ ଛାତ୍ରୀ, ଏନ୍‌ଆଇଟି, ରାଉରକେଲା**

## 'ସ୍ୱାଧୀନ ଭାରତ'ର ଆଲୋଚନା ପ୍ରାସଙ୍ଗିକ ଲାଗେ

ସ୍ୱାଧୀନ ଭାରତ! ଇଂରେଜ ଅଧୀନ ପରାଧୀନତାର ଶୃଙ୍ଖଳରୁ ମୁକ୍ତହେବାର ଦୀର୍ଘ ୭୮ ବର୍ଷ ପରେ ମଧ ଏହି 'ସ୍ୱାଧୀନ ଭାରତ'ର ଆଲୋଚନା ତଥାପି ପ୍ରାସଙ୍ଗିକ ଲାଗେ। ଆମ ଗଣମାଧମକୁ ମୁକ୍ତ ସ୍ୱାଧୀନତା ଲୋଡ଼ା ସରକାରୀ କଳ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ। ଆମ ସାମାଜିକ କର୍ମୀଙ୍କୁ ସ୍ୱାଧୀନତା ଲୋଡ଼ା ସରକାରୀ ଅପାରଗତାକୁ ସାମ୍ନାକୁ ଆଣିବାକୁ। ଆମ ଧର୍ମାନୁଷ୍ଠାନ ସବୁକୁ ସ୍ୱାଧୀନତା ଲୋଡ଼ା, ଚିରାଚରିତ ଅନ୍ଧବିଶ୍ୱାସରୁ, ଆମ ଗାଆଁର ହରିଜନ ସାହିକୁ ସ୍ୱାଧୀନତା ଲୋଡ଼ା, ଦାରିଦ୍ର୍ୟରୁ ନଗଡ଼ାକୁ ସ୍ୱାଧୀନତା ଲୋଡ଼ା, ଅପପୁଷ୍ଟିରୁ ଆମ ସରକାରୀ ବିଧିବ୍ୟବସ୍ଥା ଓ ଯୋଜନାକୁ ସ୍ୱାଧୀନତା ଲୋଡ଼ା, ବୋହୂମାନଙ୍କୁ ସ୍ୱାଧୀନତା ଲୋଡ଼ା ଯୌତୁକ ନିର୍ଯାତନାରୁ, ବୃଦ୍ଧ ପିତାମାତାଙ୍କୁ ସ୍ୱାଧୀନତା ଲୋଡ଼ା ବୃଦ୍ଧାଶ୍ରମରୁ ଏମିତି ଅନେକ ପ୍ରକାରର ସ୍ୱାଧୀନତା ଲୋଡ଼ା ଆମ ଏ ଦେଶକୁ। ଯୁବକ ଭାବରେ ସ୍ୱାଧୀନତାର ଏଇ ସ୍ୱପ୍ନରେ ବିଭୋରହୋଇ ତା'ର ବାସ୍ତବ ରୂପାୟନ ନିମନ୍ତେ କାର୍ଯ୍ୟକରିବାକୁ ଆମେ ଆଜି ପ୍ରତିଶ୍ରୁତିବଦ୍ଧ ହେବା।

**- ଅଂଶୁମାନ ସାହୁ, ଯୁବ ସାହିତ୍ୟିକ, ଭୁବନେଶ୍ୱର**

## ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା' ଅସୁରକ୍ଷିତ

ମୋ ଦୃଷ୍ଟିରେ ସ୍ୱାଧୀନତାର ମୂଲ୍ୟ ହେଉଛି, ଖାଲି ବାହାରୁ ବନ୍ଧନମୁକ୍ତ ହେବା ନୁହେଁ। ମନରେ ଥିବା ଭୟ, ଅନ୍ୟାୟ ଓ ଅଜ୍ଞାନରୁ ମୁକ୍ତି ପାଇବା ବି ସ୍ୱାଧୀନତାର ଚିହ୍ନ। ଯେତେବେଳେ ଆମେ ଭୟ ବିନା ସତ୍ୟ କହିପାରିବୁ, ନିଜର ସ୍ୱପ୍ନ ପାଳନ କରିପାରିବୁ ଓ ଅନ୍ୟମାନଙ୍କ ସ୍ୱାଧୀନତାକୁ ସମ୍ମାନ କରିପାରିବୁ। କିନ୍ତୁ ଦୁଃଖର ବିଷୟ ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା'ମାନେ ଅନେକ ସମୟରେ ଅସୁରକ୍ଷିତ। ଯେପର୍ଯ୍ୟନ୍ତ ନାରୀଟିଏ ରାତିରେ ଗାଁ-ସହରରେ, କର୍ମକ୍ଷେତ୍ରରେ ନିର୍ଭୟରେ ଚାଲିପାରିବନି ସେପର୍ଯ୍ୟନ୍ତ ଆମ ସ୍ୱାଧୀନତା ମୂଲ୍ୟହୀନ। ତେଣୁ ସ୍ୱାଧୀନତା କେବଳ ଅଧିକାର ନୁହେଁ, ଏକ ଦାୟିତ୍ୱ ଯାହାକୁ ଆମ ପିଢ଼ି ତଥା ପ୍ରତ୍ୟେକ ପିଢ଼ିକୁ ପୂରଣ କରିବାକୁ ପଡ଼ିବ।

**- କୃଷ୍ଣେନ୍ଦୁ ହୋତା, ଯୁବକବି,ବଲାଙ୍ଗୀର**

## ନିଜକୁ ଉତ୍ସର୍ଗ କରିପାରିଲେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିହେବ

ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ସବୁଠୁ ଊର୍ଦ୍ଧ୍ୱକୁ ଯାଇ ମଣିଷ ହିସାବରେ ନିଜର ସମସ୍ତ ମୌଳିକ ଅଧିକାରକୁ ଉପଭୋଗକରିବା ସହ ଅନୁରୂପ ଭାବେ ଅନ୍ୟ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ହେଉଛି ବାସ୍ତବ ସ୍ୱାଧୀନତା। 'ସ୍ୱାଧୀନତା ' ଶବ୍ଦ ଯେତେବେଳେ ମନକୁ ଆସେ ଗୋଟେ ବଡ଼ ଦାୟିତ୍ୱବୋଧତା କାନ୍ଧ ଉପରକୁ ଆସିବା ସହ ଦେଶ ପ୍ରତି ସେବା ସମର୍ପଣ ଭାବ ସୃଷ୍ଟି ହୁଏ। କେବଳ ନିଜ ପ୍ରତି ବା ନିଜ ପରିବାର ପ୍ରତି ନୁହେଁ ବରଂ ସମଗ୍ର ଦେଶବାସୀଙ୍କ ପାଇଁ ଆମକୁ ସେବା ଦେବାକୁ ପଡ଼ିବ। କେବଳ ହାତରେ ବନ୍ଧୁକ ଧରି ସୀମାରେ ଜଗିଲେ କି ଶାସନ ଗାଦିରେ ବସିଲେ ଯେ ଦେଶର ସେବା କରିହେବ ତା' ନୁହେଁ, ବରଂ ସମାଜ ପ୍ରତି ନିଜର ପ୍ରକୃତ କର୍ତ୍ତବ୍ୟକୁ ନିଷ୍ଠାର ସହ ବିନା ପକ୍ଷ ପାତିତାରେ ସମ୍ପାଦନ କରିପାରିଲେ ଦେଶ ପ୍ରଗତିର ଶିଖର ଛୁଇଁବ। ବିଜ୍ଞାନ, ଦର୍ଶନ, ସାହିତ୍ୟ ଏବଂ ସ୍ଥାପତ୍ୟକଳା ସହ ଅସୀମ ବିଜ୍ଞତାରେ ପରିପୂର୍ଣ୍ଣ ଆମ ଦେଶକୁ ଆଜିର ଅତ୍ୟାଧୁନିକ ଯୁଗରେ ସଫଳତାର ଶିଖରରେ ପହଞ୍ଚାଇବାକୁ ଆମ ସମସ୍ତଙ୍କୁ ବାନର ସେନା ଭଳି ନ ହେଲେ ମଧ ଗୁଣ୍ଡୁଚିମୂଷା ସଦୃଶ ସେବା ପ୍ରଦାନ କରିବାକୁ ପଡ଼ିବ। ଆମ ଦେଶକୁ ସ୍ୱାଧୀନ କରିବାରେ ଅସଂଖ୍ୟ ଦାୟାଦଙ୍କ ଲୁହ, ଲହୁ, ତ୍ୟାଗ, ପରିଶ୍ରମ ଓ ବଳିଦାନକୁ ଯଥୋଚିତ ସମ୍ମାନ ପ୍ରଦାନ ପୂର୍ବକ ନିଜକୁ ଦେଶ ବା ସମାଜ ପାଇଁ ଉତ୍ସର୍ଗ କରିପାରିଲେ ଯାଇ ଆମେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିପାରିବା।

**- ସୌମ୍ୟରଞ୍ଜନ ମହାନ୍ତି, ରାଉରକେଲ ଇସ୍ପାତ କାରଖାନା**

## 'ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ' ହେବ

ସ୍ୱାଧୀନତା ପ୍ରାପ୍ତି କରିଥିବା ସତ୍ତ୍ୱେ ଆଜି ମଧ ଅନ୍ତର୍ନିହିତ ଶତ୍ରୁଙ୍କ ଦ୍ୱାରା ଆମେ ପରାଧୀନ ଅଛୁ। କାରଣ ଆଜି ଦେଶରେ ପ୍ରତି ମୁହୂର୍ତ୍ତରେ ବଳାତ୍କାର, ହତ୍ୟା, ବ୍ୟଭିଚାର, ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟରେ ଅନେକେ ଲିପ୍ତ ରହୁଛନ୍ତି। ଏବେ ସମୟ ଆସିଛି ଆମେ ସମସ୍ତେ ଏ ବିଷୟରେ ବିଚାର କରିବାର କାରଣ 'ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ' ହୋଇଥାଏ। ତେଣୁ ସମୟ ଆସିଛି ରାଷ୍ଟ୍ରର ପରିବର୍ତ୍ତନ ପାଇଁ ନିଜକୁ ପରିବର୍ତ୍ତନ କରିବା।

**- ଅଚ୍ୟୁତାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ, ଝାରସୁଗୁଡ଼ା**

## ସମାନ ସମ୍ମାନ ଓ ସୁଯୋଗ ହିଁ ପ୍ରକୃତ ସ୍ୱାଧୀନତା

୧୯୪୭ ସ୍ୱାଧୀନତା ଆଇନଗତ ସଂସ୍କାର ଆଣିଥିଲା। କିନ୍ତୁ ମହିଳା ସ୍ୱାଧୀନତା ମାନସିକତାର ପରିବର୍ତ୍ତନ ଆବଶ୍ୟକ କରେ। ସମସାମୟିକ ସମାଜରେ ମହିଳା ସ୍ୱାଧୀନତାର ଅର୍ଥ କେବଳ ଆଇନଗତ ଅଧିକାର ନୁହେଁ, ବରଂ ସାମାଜିକ ସ୍ୱୀକୃତି, ଅର୍ଥନୈତିକ ସ୍ୱାବଲମ୍ବନ ଓ ମାନସିକ ସ୍ୱାଧୀନତା। ପ୍ରକୃତ ସ୍ୱାଧୀନତା ସେତେବେଳେ ସମ୍ପୂର୍ଣ୍ଣ ହେବ, ଯେତେବେଳେ ସମାଜର ପ୍ରତ୍ୟେକ ସଦସ୍ୟ ମହିଳା କି ପୁରୁଷ ସମାନ ସମ୍ମାନ ଓ ସୁଯୋଗ ପାଇବେ।

**- ସନ୍ଧ୍ୟାରାଣୀ ରଣା, ଛାତ୍ରୀ, କେନ୍ଦୁଝର**




























# ତ୍ରିରଙ୍ଗା ଜିନିଷ କିଣିବାକୁ ବଢ଼ୁଛି ଆଗ୍ରହ

ସ୍ୱାଧୀନତା ଦିବସ ଲାଗି ସଜେଇ ହୋଇଛି ରାଜଧାନୀ। ଘରଠାରୁ କାର୍ଯ୍ୟାଳୟ ସବୁ ଆଡ଼େ ତ୍ରିରଙ୍ଗାମୟ ହୋଇଛି। ଲୋକଙ୍କ ଭିତରେ ତ୍ରିରଙ୍ଗା ପ୍ରତି ସେତିକି ଆଗ୍ରହ ଓ ଉଦ୍ଦୀପନା ବଢ଼ିବାରେ ଲାଗିଛି। ଏହି ମହାନ୍ ଦିବସକୁ ପାଳନ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏନେଇ ସ୍କୁଲ, କଲେଜ ଏବଂ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଛୋଟ ପିଲା ହୁଅନ୍ତୁ କି ବଡ଼ ଲୋକ ସମସ୍ତେ ତ୍ରିରଙ୍ଗ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ଏନେଇ ରାସ୍ତାକଡ଼, ମାର୍କେଟ ଏବଂ ଦୋକାନ ଗୁଡ଼ିକରେ ତ୍ରିରଙ୍ଗା ପତାକା ସହ ବିଭିନ୍ନ ପ୍ରକାର ଡିଜାଇନର ପୋଷାକ, ସଜବାଜ ଜିନିଷ ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

ରାଜଧାନୀବାସୀ ଖଦି କପଡ଼ା ଏବଂ ସୂତା କପଡ଼ାର ତ୍ରିରଙ୍ଗା ପତାକାକୁ ଅଧିକ ପସନ୍ଦ କରନ୍ତି। ଏନେଇ ଖଦି ତ୍ରିରଙ୍ଗା ପତାକା ସବୁ ୫୦ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଉଲରେ ତିଆରି ପତାକାଗୁଡ଼ିକ ଶହେରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ରାଜଧାନୀର ଗଳିକନ୍ଦିରେ ମାଳମାଳ ଦୋକାନ ପଡ଼ିଛି। କାଗଜ ତିଆରି ପତାକାଠାରୁ ଆରମ୍ଭ କରି ଜରି, ସୂତା ଏବଂ ପଲିଷ୍ଟର କପଡ଼ାର ପତାକା ବିକ୍ରି କରୁଛନ୍ତି। ପତାକାଗୁଡ଼ିକ ୧୦ ଟଙ୍କାରୁ ଆରମ୍ଭ ହୋଇ ୩ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। କେବଳ ପତାକା ନୁହେଁ, ଉଠାଦୋକାନୀମାନେ ତ୍ରିରଙ୍ଗା ପତାକା ଡିଜାଇନର ଉତ୍ତରୀୟ, ଟୋପି, ଶାର୍ଟ, ବ୍ରେସଲେଟ୍ ଓ ବ୍ୟାଣ୍ଡ ବିକ୍ରି କରୁଛନ୍ତି। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତ୍ରିରଙ୍ଗା ରଙ୍ଗର ଜିନିଷ ପ୍ରତି ଆଗ୍ରହ ବଢ଼ିଥିବାରୁ ସେମାନେ ବହୁ ଜିନିଷ କିଣାକିଣି କରୁଛନ୍ତି। ସେମାନଙ୍କ ପାଇଁ ତ୍ରିରଙ୍ଗା ଡିଜାଇନର ହେୟାର୍ କ୍ଲିପ, ଶାଢ଼ି, ଓଢ଼ଣି, ଚୁଡ଼ି, ମୁଦି, କାନଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ବିକ୍ରି ହେଉଛି। ଉଠାଦୋକାନୀ ସନ୍ତୋଷ ସାହୁଙ୍କ କହିବା ଅନୁସାରେ ତ୍ରିରଙ୍ଗା ଜିନିଷ କିଣିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ିଛି। ସେମାନେ ପସନ୍ଦକୁ ନଜରରେ ରଖି ବଜାରରେ ମଧ୍ୟ ପୋଷାକଠାରୁ ଆରମ୍ଭ କରି ବିଭିନ୍ନ ସଜବାଜ ଜିନିଷ ମିଳୁଛି। ସ୍ୱଳ୍ପ ଦାମ୍‌ରେ ସବୁ ଜିନିଷ ମିଳୁଥିବାରୁ ବେପାର ମଧ୍ୟ ଭଲ ହେଉଛି ବୋଲି ସେ କହିଛନ୍ତି।

ରିପୋର୍ଟ: **ସୁଚିସ୍ମିତା ସାହୁ, ଭୁବନେଶ୍ୱର**





















## ଦିଲ୍ଲୀ ଏମ୍ସରେ ନିଆଁ

ନୂଆଦିଲ୍ଲୀ,୧୪।୮

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ପରିସରରେ ଥିବା ମା' ଓ ଶିଶୁ ବ୍ଲକ୍‌ରେ ଗୁରୁବାର ଅପରାହ୍ନ ୫ଟା ୧୫ ମିନିଟ୍ ସମୟରେ ନିଆଁ ଲାଗିଯାଇଛି। ନିଆଁଲିଭା କାର୍ଯ୍ୟରେ ଅଗ୍ନିଶମ ବିଭାଗର ୧୦ଟି ଦମକଳକୁ ନିୟୋଜିତ କରାଯାଇଛି। ତେବେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ ବୋଲି ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ବ୍ଲକ୍‌ରୁ ରୋଗୀ ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ଦୁଃସାହସିକ କାର୍ଯ୍ୟର ପରିଣାମ ଭୋଗିବ ପାକ୍

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଗତ ରବିବାର ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଆମେରିକାରୁ ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଥିଲେ। ସେହିପରି ପାକିସ୍ତାନର ଅଧିକାର ଥିବା ଜଳର ଗୋଟିଏ ବି ବୁନ୍ଦାକୁ ଭାରତ ଛଡ଼ାଇ ନେଇପାରିବ ନାହିଁ ବୋଲି ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଥିଲେ। ଗୁରୁବାର ଭାରତ ପକ୍ଷରୁ ଏହାର ଜବାବ ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର

**ଭାରତର ଚେତାବନୀ**

ଜୟସ୍ୱାଲ ଏକ ସାପ୍ତାହିକ ବ୍ରିଫିଂ କରି କହିଛନ୍ତି, ଗତ କିଛିଦିନ ମଧ୍ୟରେ ପାକିସ୍ତାନର ନେତୃତ୍ୱ ପକ୍ଷରୁ ଭାରତ ବିରୋଧରେ ବେପରୁଆ ଭାବେ ଘୃଣାପୂର୍ଣ୍ଣ ମନ୍ତବ୍ୟ ଦିଆଯାଉଥିବାର ରିପୋର୍ଟ ସାମ୍ନାକୁ ଆସିଛି। ନିଜର ବିଫଳତାକୁ ଲୁଚାଇବା ପାଇଁ ବାରମ୍ବାର ଭାରତ ବିରୋଧୀ ମନ୍ତବ୍ୟ ଦେବା ହେଉଛି ପାକିସ୍ତାନୀ ନେତୃତ୍ୱର ଏକ ଜଣାଶୁଣା ପଦ୍ଧତି। ପାକିସ୍ତାନୀ ନେତା ନିଜ ମନ୍ତବ୍ୟରେ ସଂଯମତା ରକ୍ଷା ରଖନ୍ତୁ ଏବଂ ନୂଆଦିଲ୍ଲୀ ବିରୋଧୀ ଘୃଣ୍ୟ ବୟାନରୁ ନିଜକୁ ନିବୃତ୍ତ ରଖନ୍ତୁ। ଯେ କୌଣସି ଦୁଃସାହସିକ କାର୍ଯ୍ୟର ପରିଣାମ ଭୟଙ୍କର ହେବ ବୋଲି ସେ ପାକିସ୍ତାନର ନେତୃତ୍ୱକୁ ଚେତାବନୀ ଦେଇ କହିଛନ୍ତି।

## ଦିଲ୍ଲୀରେ ଆଜି



ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନକୁ ଗୁରୁବାର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏହା ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। (ଫଟୋ: ଚମନ୍ ଗୌତମ)

# ଆତ୍ମନିର୍ଭରଶୀଳତା ଦିଗରେ ଭାରତ

ନୂଆଦିଲ୍ଲୀ,୧୪।୮(ପି.ଟି.)

ଭାରତ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଥିବାବେଳେ ୨୦୪୭ ସୁଦ୍ଧା ବିକାଶିତ ରାଷ୍ଟ୍ର ହେବା ନେଇ ବଡ଼ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କହିଛନ୍ତି। ୭୯ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା ସହ ରପ୍ତାନି ବଢ଼ିଥିବାରୁ ଦେଶର ଅର୍ଥନୀତି ଅତ୍ୟନ୍ତ ଭଲ ସ୍ଥିତିରେ ରହିଛି। ଦୀର୍ଘବର୍ଷର ବିଦେଶୀ ଶାସନ ପରେ ଦେଶ ସ୍ୱାଧୀନ ହେବା ବେଳେ ଅତ୍ୟଧିକ ଦାରିଦ୍ର୍ୟ ରହିଥିଲା। ଗତ ୭୮ ବର୍ଷ ମଧ୍ୟରେ ସମସ୍ତ କ୍ଷେତ୍ରରେ ଆମେ ଅସାଧାରଣ ଉନ୍ନତି କରିଛେ। ଗତ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ



ଦ୍ରୌପଦୀ ମୁର୍ମୁ

ଜିଡିପି ଅଭିବୃଦ୍ଧି ସହ ଭାରତ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକ ମଧ୍ୟରେ ଦ୍ରୁତତମ ଅଭିବୃଦ୍ଧି ହାସଲ କରିପାରିଛି। ସୁଶାସନ ଏବଂ ଅନେକ ଜନକଲ୍ୟାଣକାରୀ ଯୋଜନା ବଳରେ ବହୁସଂଖ୍ୟାରେ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ରାଷ୍ଟ୍ରପତି କହିଛନ୍ତି।

**୭୯ତମ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ**

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ନିର୍ଣ୍ଣାୟକ ଜବାବ ଅପରେଶନ ସିନ୍ଦୂର ଜରିଆରେ ଦିଆଯାଇଥିଲା। ଏଥିପାଇଁ ଦେଶର ଏକତା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧିକୁ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି। ପହଲଗାମରେ ଆତଙ୍କବାଦୀଙ୍କ ନିରୀହ ନାଗରିକଙ୍କୁ ହତ୍ୟା କରିବା ଅତ୍ୟନ୍ତ ଭୀରୁତାପୂର୍ଣ୍ଣ ଏବଂ ଅମାନବୀୟ କାର୍ଯ୍ୟ ଥିଲା, ଯାହାକୁ ରାଷ୍ଟ୍ରପତି କଡ଼ା ନିନ୍ଦା କରିଛନ୍ତି। ସୀମାରେ ଥିବା ସେମାନଙ୍କ ଭିତ୍ତିଭୂମିକୁ ଧ୍ୱଂସ କରି ସଶସ୍ତ୍ର ବଳ ଏହାର ରଣନୈତିକ ସ୍ପଷ୍ଟତା ଓ ବୈଷୟିକ ସାମର୍ଥ୍ୟ ପ୍ରଦର୍ଶନ କରିଥିଲା। ଆତଙ୍କବାଦ ବିରୋଧୀ ବୈଶ୍ୱିକ ଲଢ଼େଇରେ ଅପରେଶନ ସିନ୍ଦୂର ଏକ ଐତିହାସିକ ଘଟଣା। ଆତଙ୍କବାଦ ବିରୋଧରେ ମାନବୀୟତାର ଲଢ଼େଇର ଏକ ଉଦାହରଣ ଭାବେ ଅପରେଶନ ସିନ୍ଦୂର ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଜମ୍ମୁ-କଶ୍ମୀର ଉପତ୍ୟକାକୁ ରେଳ ସଂଯୋଗ ଏକ ବଡ଼ ସଫଳତା କରି ରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି। ରେଳ ଲାଇନ ନିର୍ମାଣ ଯୋଗୁ ଉକ୍ତ ଅଞ୍ଚଳରେ ବାଣିଜ୍ୟ ଓ ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ହେବା ସହ ନୂଆ ଆର୍ଥିକ ସମ୍ଭାବନା ପାଇଁ ବାଟ ଖୋଲିଦେବ ବୋଲି ରାଷ୍ଟ୍ରପତି କହିଛନ୍ତି।

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**କଶ୍ମୀରକୁ ରାଜ୍ୟ ମାନ୍ୟତା ଆବେଦନ**

ନୂଆଦିଲ୍ଲୀ,୧୪।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ପୁନର୍ବାର ରାଜ୍ୟ ମାନ୍ୟତା ଫେରାଇବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ରକୁ ଜବାବ ମାଗିଛନ୍ତି। ଅନେକ ବିଚାରକୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ମଧ୍ୟରେ ରଖାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ୮ ସପ୍ତାହ ପରେ କରିବାକୁ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଶିକ୍ଷାବିତ୍ ଜହୁର ଅହମଦ ଭଟ୍ଟ ଏବଂ ସାମାଜିକ-ରାଜନୈତିକ କର୍ମୀ ଅହମଦ ମଲିକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଭଟ୍ଟଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣନ ତ୍ୱରିତ୍ ଶୁଣାଣି ପାଇଁ ନିବେଦନ କରିବାରୁ ସିଜେଆଇ କହିଥିଲେ, ପହଲଗାମ୍‌ରେ ଯାହା ଘଟିଲା, ତାହାକୁ ଆପଣମାନେ ଅଣଦେଖା କରିପାରିବେ ନାହିଁ। ପାର୍ଲାମେଣ୍ଟ ଓ ସରକାର ଏହା ଉପରେ ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୧୧ରେ ସର୍ବୋଚ୍ଚ ଅଦାଲତ ସର୍ବସମ୍ମତିକ୍ରମେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ କାଏମ୍ ରଖିଥିବାବେଳେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୪ ସେପ୍ଟେମ୍ବର ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜମ୍ମୁ-କଶ୍ମୀରକୁ ଯଥାଶୀଘ୍ର ରାଜ୍ୟ ମାନ୍ୟତା ଦେବା ପାଇଁ ମଧ୍ୟ ଅଦାଲତ ସେତେବେଳେ କହିଥିଲେ।

## 'ଅପରେଶନ ସିନ୍ଦୂର' ହିରୋଙ୍କୁ ବୀରତା ସମ୍ମାନ

ନୂଆଦିଲ୍ଲୀ,୧୪।୮

ଅପରେଶନ ସିନ୍ଦୂରରେ ପ୍ରମୁଖ ଭୂମିକା ନେଇଥିବା ସଶସ୍ତ୍ର ବଳର ଅଫିସରମାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରିବା ନିମନ୍ତେ କେନ୍ଦ୍ର ସରକାର ଗୁରୁବାର ଘୋଷଣା କରିଛନ୍ତି। ବାୟୁସେନାର ୧୩ ଜଣ ଅଫିସରଙ୍କୁ ଯୁଦ୍ଧ ସେବା ମେଡାଲରେ ସମ୍ମାନିତ କରାଯିବାକୁ ଥିବାବେଳେ ୨୬ ଅଫିସରଙ୍କୁ ବାୟୁ ସେନା ମେଡାଲ ମିଳିବ। ସେହିପରି ୪ ଜଣ ବାୟୁସେନା ଅଫିସର ଓ ୨ ଜଣ ବରିଷ୍ଠ ସେନା ଅଫିସରଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ମେଡାଲରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି।

ସର୍ବୋତ୍ତମ ଯୁଦ୍ଧସେବା ମେଡାଲ ପାଇବାକୁ ଥିବା ଅଫିସରଙ୍କ ମଧ୍ୟରେ ଅଛନ୍ତି ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ନରନଦେଶ୍ୱର ତିୱାରୀ, ୱେଷ୍ଟର୍ନ ଏୟାର କମାଣ୍ଡ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା, ଡିଜି ଏୟାର ଅପରେଶନ୍ସ ଏୟାର ମାର୍ଶାଲ ଅୱଧେଶ ଭାରତୀ, ପୂର୍ବତନ ୱେଷ୍ଟର୍ନ ନାଭାଲ କମାଣ୍ଡର ଭାଇସ୍ ଆଡମିରାଲ ଏସ୍.ଜେ. ସିଂ ପ୍ରମୁଖ। ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ ତରୁନ ସୋବ୍‌ତିଙ୍କୁ ଉତ୍ତମ ଯୁଦ୍ଧସେବା ମେଡାଲ ମିଳିବ। ବାୟୁସେନା ମେଡାଲ ପାଇବାକୁ ଥିବା ବାୟୁସେନା ଅଫିସରଙ୍କ ମଧ୍ୟରେ ଗ୍ରୁପ୍ କ୍ୟାପ୍‌ଟେନ୍ ଅଙ୍କୁର ହକିମ୍, ମାନବ ଭାଟିଆ, ୟାସିର ଫାରୁକି, ବରୁଣ ଭୋଜ, ଅନୁରାଜ ସିଂ ମିନହାସ୍, ଓମାର ବ୍ରାଓନେ, ଦୀପକ ଚୌହାନ ପ୍ରମୁଖ ରହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ